# ଜିଲା କଳାକାର ସମନ୍ୱୟ ସମିତି ବୈଠକରେ ଅଭିନବ ନିଷ୍ପତ୍ତି

ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ଚୁଡ଼ାପାଲି ନିକଟ ଭୁଏପାଲିଠାରେ ରବିବାର ସମିତି ସଭାପତି ଗୁରୁଶ୍ରୀ ପରମାନନ୍ଦ ମାଝିଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚଳିତବର୍ଷ ଜିଲାରେ ଲୋକଉତ୍ସବ ବନ୍ଦ ହେବା ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। କେଉଁ କାରଣରୁ ଲୋକଉତ୍ସବ ବନ୍ଦ କରାଯାଇ ଲୋକ କଳାକାରଙ୍କ ଭାବନା ସହ ଖେଳାଗଲା ସେନେଇ ଆଲୋଚନା କରାଯାଇଥିଲା। ଲୋକ କଳାକାରମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସରକାରୀ ଅର୍ଥ ସହାୟତା ବିନା କଳାକାରଙ୍କ ସହାୟତାରେ ଜିଲାରେ ପ୍ରତିବର୍ଷ ନିର୍ଦ୍ଧାରିତ ସମୟରେ ଲୋକଉତ୍ସବ କରିବାକୁ ନିଷ୍ପତ୍ତି କରିଥିଲେ। ଏଥିପାଇଁ ପ୍ରତ୍ୟେକ କଳାକାର ୧୦ ଟଙ୍କା ଏବଂ ଏକ ଅଡା ଚାଉଳ ପ୍ରଦାନ କରିବେ । ଏଥିସହିତ ପ୍ରତିବର୍ଷ ଜିଲାସ୍ତରୀୟ ଲୋକଉତ୍ସବ


ଜିଲା କଳାକାର ସମନ୍ୱୟ ସମିତି ବୈଠକରେ ଯୋଗଦେଇଥିବା ଜିଲାର କଳାକାରମାନେ।

ନିଜେ ପରିଚାଳନା କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଭଳି ନିଷ୍ପତ୍ତି ପରେ ସେହି ସଭାରେ ଉପସ୍ଥିତ କଳାକାରମାନେ ଅର୍ଥରାଶି ପ୍ରଦାନ କରିଥିଲେ। ସଭାରେ ୪୫ ହଜାର ୩୦୦ ଟଙ୍କା ମିଳିଥିଲା। ଆଗାମୀ ଦିନରେ ଜିଲାର ଯେଉଁ କଳାକାର ଓ କଳାପ୍ରେମୀ ଲୋକଉତ୍ସବ ପାଇଁ ସହାୟତା ଦେବାକୁ ଚାହିଁବେ ତାଙ୍କ ଠାରୁ ସହାୟତା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଉପସଭାପତି ସୁଦାମ ବିଶି ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ପୁରୁଷ ଓ ମହିଳା କଳାକାର ନେଇ ସମାନତା ନାହିଁ। ଯେଉଁ କଳାକାର ୨୦ ବର୍ଷ ଧରି ପେଶାଦାର ଭାବେ କଳା ପରିବେଷଣ କରୁଛନ୍ତି ସେମାନଙ୍କୁ ମନୋନୟନ ବିନା ଭତ୍ତା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଯେଉଁ କଳାକାର ପେଶାଦାର ଭାବେ ବର୍ଷ ବର୍ଷ ଧରି କଳା ପରିବେଷଣ କରୁଛନ୍ତି ସେମାନଙ୍କୁ ଯେଉଁମାନେ ମନୋନୟନ କରୁଛନ୍ତି ତାଙ୍କର ଯୋଗ୍ୟତା ଅଛି କି ବୋଲି ପ୍ରଶ୍ନ କରିଥିଲେ। ପ୍ରକୃତ କଳାକାରଙ୍କୁ ଭତ୍ତା

## ଲୋକ ଉତ୍ସବ ପାଇଁ କଳାକାର ଦେବେ ୧୦ ଟଙ୍କା, ଏକ ଅଡ଼ା ଚାଉଳ

ମିଳୁ ନ ଥିବା ବେଳେ ଅନେକ ନକଲି କଳାକାର ଭତ୍ତା ଯୋଜନାରେ ସାମିଲ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସମନ୍ୱୟ ସମିତି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ସଭାରେ ବିଭୁ କଲ୍ୟାଣ ଗଡତ୍ୟା, କାଳିନ୍ଦ୍ରୀ ମାଝି, ପ୍ରମୋଦ ନାଏକ, ଚିତ୍ରସେନ ବଗର୍ତ୍ତୀ, ବେଣୁଧର ପଟେଲ, କୁଶ ବରିହା ମତାମତ ରଖିଥିଲେ। ସମନ୍ୱୟ ସମିତି ସମ୍ପାଦକ ସତ୍ୟ ବନଛୋର ସଭା ପରିଚାଳନା କରିଥିଲେ। ବୈଠକରେ ପବିତ୍ର ଭୁଏ, ଯାଦବ ଧାରୁଆ, ମହେନ୍ଦ୍ର ସିଂ ନିନାଙ୍କ ସହ ୮ଟି ବ୍ଲକର କଳାକାର ଉପସ୍ଥିତ ରହି ସହଯୋଗ କରିଥିଲେ। ଶ୍ରୀରାମ ମହିଳା ସଂକୀର୍ତ୍ତନ୍ୟ ଦଳ ସହଯୋଗରେ ସଭା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

# ବଲାଙ୍ଗୀରରେ ୪୬.୩, ଟିଟିଲାଗଡ଼ରେ ୪୬ ଡିଗ୍ରୀ ତାପମାତ୍ରା


ବଲାଙ୍ଗୀର ସହରର ବ୍ୟସ୍ତବହୁଳ ଡେଲିମାର୍କେଟ ଶୁନ୍‌ଶାନ ହୋଇପଡିଛି।

ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)

ବୁଧବାର ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି ବଲାଙ୍ଗୀର। ବଲାଙ୍ଗୀରରେ ଆଜି ସର୍ବାଧିକ ୪୬.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଜିଲାର ଟିଟିଲାଗଡରେ ୪୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଗ୍ରୀଷ୍ମ ଲହର ଜାରି ରହିଥିବାରୁ ଘର ଭିତରେ ଥିବା ପାଣି ଗରମ ହୋଇଯାଉଛି। ଘର ଭିତରେ ଥିବା ଲୁଗାପଟା, ବାସନକୁସନ, ଟେବୁଲ, ଚୌକି, କାନ୍ଥ, ଚଟାଣ ସବୁ କିଛି ଗରମ୍‌ରେ ଚଟ୍ କରୁଛି। ପ୍ରଚଣ୍ଡ ଗରମ ଓ ଗୁଳୁଗୁଳିକୁ ନେଇ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ଏହା ସାଙ୍ଗକୁ ବିଜୁଳି କାଟ ଲୋକଙ୍କ ଅବସ୍ଥା ସଙ୍ଗିନ କରିଛି। ଗତ ଦୁଇଦିନ ହେଲା ପୁଣି ଥରେ ତାପମାତ୍ରା ବୃଦ୍ଧି ଲୋକଙ୍କୁ ଚିନ୍ତାରେ ପକାଇଛି। ଜିଲାରେ ହଠାତ୍ ଅହେତୁକ ତାପମାତ୍ରା ବୃଦ୍ଧି ଲୋକଙ୍କୁ କଲବଲ କରୁଛି। ପ୍ରବଳ ଖରା, ଗୁଳୁଗୁଳି ଏବଂ ଗ୍ରୀଷ୍ମ ଲହର (ଝାଉ) ଯୋଗୁ ଜିଲାର ଗାଁ ଓ ସହରର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ

### ଗ୍ରୀଷ୍ମ ଲହର ବଢ଼ାଇଲା ଚିନ୍ତା

କରୁଛନ୍ତି। ବିଶେଷକରି ଛୋଟ ଶିଶୁ, ବୃଦ୍ଧାବୃଦ୍ଧ, ରୋଗୀଙ୍କ ଅବସ୍ଥା ବିଗିଡି ଯାଉଛି। ବିଶେଷକରି ଉଚ୍ଚ ରକ୍ତଚାପ, ମଧୁମେହ, ଆଲର୍ଜି ପୀଡିତ ରୋଗୀ ଅଧିକ ପୀଡା ପାଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ଲହରର ପ୍ରଭାବ ଜନଜୀବନ ଉପରେ ପଡ଼ିଛି। ଲୋକେ ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବାକୁ ଡରୁଛନ୍ତି। ରାସ୍ତାଘାଟ ଶୁନଶାନ୍ ହୋଇପଡିଛି। ଡେଲିମାର୍କେଟ ଓ ମେନ୍ ମାର୍କେଟରେ ସକାଳ ୯ଟାରୁ ଭିଡ ପରିଲକ୍ଷିତ ହେଉନାହିଁ। ଡେଲିମାର୍କେଟକୁ ପନିପରିବା ଯୋଗାଣ ବି କମୁଛି। ଯେଉଁ ବେପାରୀମାନେ ଦୁଇ ପଇସା ଆୟ ପାଇଁ ଖରାରେ ମାର୍କେଟକୁ ଆସୁଛନ୍ତି ସେମାନେ ଗ୍ରାହକ ନ ପାଇ ଚିନ୍ତାରେ ପଡୁଛନ୍ତି। ଡେଲିମାକେଟ ଅଞ୍ଚଳରେ ଗଛ ନ ଥିବାରୁ ବେପାରୀ ଓ ଗ୍ରାହକ ଉଭୟେ ଖରାକଷ୍ଟ ଭୋଗୁଛନ୍ତି। ସନ୍ଧ୍ୟା ୬ଟା ପରେ ଲୋକେ ଘରୁ ବାହାରୁ ଥିବା ଦେଖାଯାଉଛି।

### ସଂକ୍ଷେପରେ

## କେନ୍ଦ୍ରୀୟ ବାହିନୀ ହାତରେ ଇଭିଏମ୍ ସୁରକ୍ଷା

### ଜଗୁଛନ୍ତି ପ୍ରାର୍ଥୀଙ୍କ ଲୋକ

ଟିଟିଲାଗଡ,୨୯।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡରେ ଆସନ୍ତା ମଙ୍ଗଳବାର ଭୋଟ ଗଣତି ସହ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏନେଇ ଟିଟିଲାଗଡ଼ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। କିଏ ଜିତିବ, କାହିଁକି ଜିତିବ, ଲୋକେ କାହାକୁ ଭୋଟ ଦେଲେ, କାହାକୁ ଠକିଲେ ସେ ନେଇ ସହରର ଚା' ଖଟି ଠାରୁ ଆରମ୍ଭ କରି ସବୁଠି ଚର୍ଚ୍ଚା। କାଁ ଭାଁ ଘଟଣାକୁ ଛାଡି ଦେଲେ ଏହି ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସରିଛି। ଏ ନେଇ ପ୍ରଶାସନ ଆଶ୍ୱସ୍ତ ଥିବା ବେଳେ ବର୍ତ୍ତମାନ ଇଭିଏମର ସୁରକ୍ଷା ନେଇ ତତ୍ପରତା ପ୍ରକାଶ କରିଛି। ସ୍ଥାନୀୟ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିବା ଇଭିଏମ ଷ୍ଟ୍ରଙ୍ଗ ରୁମରେ ସିଲ୍ କରି ରଖାଯାଇଛି । କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଭାବରେ ରେସରେ ରହିଛନ୍ତି । ପ୍ରଥମେ ସିଆରପିଏଫର ଗୋଟିଏ କମ୍ପାନୀ ଇଭିଏମର ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ଇଣ୍ଡିଆନ ରିଜର୍ଭ ବାଟାଲିୟନର ଗୋଟିଏ ପ୍ଲାଟୁନ ସୁରକ୍ଷା ବଳଙ୍କୁ ଅତିରିକ୍ତ ଭାବେ ଏଠାରେ ନିୟୋଜିତ କରାଯାଇଛି। ବଲାଙ୍ଗୀର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଥାନା ପୋଲିସ ଇଭିଏମ ସୁରକ୍ଷା ନେଇ ଦିନରାତି କଡା ନଜର ରଖିଛି। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜିର ବିଧାୟକ ପ୍ରାର୍ଥୀଙ୍କ ଲୋକ ଦିନରାତି ୨୪ ଘଣ୍ଟା କଲେଜ ପରିସରରେ ରହି ମନିଟରରେ ଦୁଇଟି ବ୍ଲକରେ ଥିବା ଷ୍ଟ୍ରଙ୍ଗ ରୁମର ସିସି ଟିଭି ଦୃଶ୍ୟ ଉପରେ ନଜର ରଖିଛନ୍ତି।

# ଆବୁଧାବିରେ ଓଡ଼ିଆ ସଂସ୍କୃତିର ଝଲକ



ଆବୁଧାବିରେ ଓଡିଆ ସମାଜ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)

ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ଓଡ଼ିଆ ସମାଜ ଆବୁଧାବି ପକ୍ଷରୁ ଗତ ୨୬ ତାରିଖ ଦିନ ଇଣ୍ଡିଆନ ସୋସିଆଲ ଏଣ୍ଡ କଲଚରାଲ ସେଣ୍ଟରଠାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍କର୍ଷ ଆୟୋଜିତ ହୋଇଥିଲା। ଓଡ଼ିଶାବାସୀଙ୍କୁ ବିଦେଶରେ ଓଡ଼ିଶା ସଂସ୍କୃତି ସହିତ ବାନ୍ଧି ରଖିବା ତଥା ପ୍ରବାସୀ ଓଡ଼ିଆ ପିଲାଙ୍କୁ ଓଡ଼ିଶାର କଳା ଓ ସଂସ୍କୃତି ସମ୍ପର୍କରେ ଅବଗତ କରିବା ଲକ୍ଷ୍ୟ ନେଇ ଉତ୍କର୍ଷ ଏକ ଅଭିନବ ପ୍ରୟାସ ବୋଲି କୁହାଯାଇଛି। ଏହି ଅବସରରେ ପାରମ୍ପରିକ ତଥା ଆଧୁନିକ କଳାର ସମନ୍ୱୟ ରକ୍ଷା କରି ସ୍ୱତନ୍ତ୍ର ଓଡିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଦେବଂଶୀ ଜଗତର ନାଥ

### ଦର୍ଶକ ବିମୋହିତ

ଜଗନ୍ନାଥଙ୍କ ମହିମା ଗାନ କରିଥିଲେ। ଭାରତର ସଂଯୁକ୍ତ ଆରବ ଏମିରେଟ୍ସ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ସୁଧୀର ଓଡ଼ିଶାର କଳା ଓ ସଂସ୍କୃତିର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଆ ସମାଜ ଆବୁଧାବିର ମୁଖପତ୍ର ପ୍ରବାସୀ ଉତ୍କର୍ଷ ଉନ୍ମୋଚିତ ହୋଇଥିଲା। ସଭା କାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଦୀପ୍ତିରେଖା ଓ ସତ୍ୟଜିତ ସଙ୍ଗୀତ ପରିବେଷଣ କରିଥିଲେ। ଆବୁଧାବିରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ପରିବେଷିତ ସମ୍ବଲପୁରୀ ନୃତ୍ୟ ଓ ଓଲିଉଡ୍ ଡ୍ୟାନ୍ସ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ବିଶେଷ ଆକର୍ଷଣ ଥିଲା ଫେଶନ୍ ସୋ ଏବଂ ଓଡ଼ିଆ ଖାଦ୍ୟ। କାର୍ଯ୍ୟକ୍ରମରେ ସଂଯୁକ୍ତ ଆରବ ଏମିରଟ୍‌ସ୍‌ର ଅନ୍ୟ ପ୍ରାନ୍ତରୁ ୪୦୦ରୁ ଅଧିକ ଓଡ଼ିଆ ଯୋଗଦାନ କରିଥିଲେ। ଓଡ଼ିଶା ବାହାରେ ଓଡ଼ିଆ ସଂସ୍କୃତି ଓ ସମୃଦ୍ଧ ପରମ୍ପରାକୁ ବଜାୟ ରଖିଥିବାରୁ ଓଡ଼ିଆ ସମାଜ ଆବୁଧାବି ସଭାପତି ମାନସ ଉଦ୍‌ଗାତା ଖୁସି ବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ କାର୍ତ୍ତିକ ସିଂ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ମିଶ୍ର, ଉପସଭାପତି ରବି ଦାଶ, କୋଷାଧ୍ୟକ୍ଷ ରୋହିତ ପଟେଲ, ଉପଦେଷ୍ଟା ହିମାଂଶୁ ଦାଶ, ଅଶୋକ ପଣ୍ଡା, ପ୍ରଦୀପ ରଥ ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ସ୍ମାର୍ଟ ମିଟର ଲଗାଯିବାକୁ ନାଗରିକ କମିଟିର ବିରୋଧ

ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ମଧୁସୂଦନ ନାୟକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଟାଟା ପାୱାର ସ୍ମାର୍ଟ ମିଟର ଲଗାଉଥିବାରୁ ଏହାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଟାଟା ପାୱାର ଉପଭୋକ୍ତାଙ୍କୁ ଭୟ ଦେଖାଇ ସ୍ୱାର୍ଥ ହାସଲ କରିବାକୁ ଚାହୁଁଛି । ଏହା ଅଗଣତାନ୍ତ୍ରିକ ଓ କୌଣସି ପ୍ରକାର ଗ୍ରହଣୀୟ ନୁହେଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହାର ପ୍ରତିବାଦ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଗାମୀ ଜୁନ ୧ ତାରିଖରେ ଏହି ବିଷୟରେ ସାଧାରଣ ପରିଷଦ ବୈଠକରେ ଆଲୋଚନା ହେବ । ଆଗାମୀ ୩ ତାରିଖରେ ଇଲେକ୍ଟ୍ରିକାଲ ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧର୍ମଘଟ କରାଯିବା ସହ ସ୍ମାରକପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସହରରେ ପ୍ରଦୂଷଣ ଜନିତ ସମସ୍ୟା, ନାଗରିକ କମିଟି କାର୍ଯ୍ୟାଳୟ ସକାଶେ ଜମି ବ୍ୟବସ୍ଥା, ବୃକ୍ଷରୋପଣ, ବିଦ୍ୟୁତ ବିଭାଗ ଦ୍ୱାରା ଅନାବଶ୍ୟକ ଗଛକଟା, କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଫିଜିଓଥେରାପି କେନ୍ଦ୍ରରେ ଅଧିକ ଫି ଗ୍ରହଣ, ବଲାଙ୍ଗୀର ସରକାରୀ ଆୟୁର୍ବେଦ ଫାର୍ମାସିକୁ ଚରମ ଅବହେଳା ନେଇ ବୈଠକରେ ବିଶଦ ଆଲୋଚନା ହୋଇଥିଲା। ଶେଷରେ ସହ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଠୋର ଅଞ୍ଚଳରେ ୱାଟର ଏଟିଏମ୍ ଖୋଲାଯାଉ

ଲାଠୋର,୨୯।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ବିଭିନ୍ନ ସ୍ଥାନରେ ୱାଟର ଏଟିଏମ ଖୋଲିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଲାଠୋର, ବେନ୍ଦେର, ମାଲପଡ଼ା, ସାହାଜପାଣି, ତେଲେନପାଲି, ଘୁନସର, ରେଙ୍ଗାଲି, ଟଙ୍କପାଣି, କରୁଆଁଝର ଆଦି ପଞ୍ଚାୟତ ଅଧୀନରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମ ରହିଛି। ଉପାନ୍ତ ଅଞ୍ଚଳର ଏହି ଗ୍ରାମଗୁଡିକରେ ବସବାସ କରୁଥିବା ଅଧିକାଂଶ ଅଧିବାସୀ କ୍ଷୁଦ୍ର ଚାଷୀ ଏବଂ ଦାଦନ ଶ୍ରମିକ। ସେମାନେ ଯାହା ରୋଜଗାର କରୁଛନ୍ତି ତାହା ପରିବାର ଚଳାଇବାକୁ ନିଅଣ୍ଟ ହେଉଛି। ଫଳରେ କଷ୍ଟେ ମଷ୍ଟେ ବର୍ଷର ୬ ମାସ ପରିବାର ଚଳେଇ ବାକି ୬ ମାସ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥାନ୍ତି। ଉପରୋକ୍ତ ପଞ୍ଚାୟତଗୁଡିକରେ ପାନୀୟ ଜଳର ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଜଳଯୋଗାଣ ପ୍ରକଳ୍ପ ମାନ ରହିଥିଲେ ମଧ୍ୟ ଫିଲ୍ଟର ବ୍ୟବସ୍ଥା ନାହିଁ। ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଅଛନ୍ତି ସେମାନେ ଘରେ ଫିଲ୍ଟର ଲଗେଇ ତଥା ମାର୍କେଟରୁ ଫିଲ୍ଟର ପାଣି କିଣି ପାନୀୟ ରୂପେ ବ୍ୟବହାର କରୁଛନ୍ତି। ହେଲେ ଗରିବ ଲୋକ ଅର୍ଥ ଖର୍ଚ୍ଚ କରି ଫିଲ୍ଟର କିମ୍ବା ଫିଲ୍ଟର ପାଣି କିଣି ବ୍ୟବହାର କରିପାରୁ ନାହାନ୍ତି। ଫଳରେ ବାଧ୍ୟ ହୋଇ ସେମାନେ ଗ୍ରାମରେ ଥିବା ନଳକୂପ କିମ୍ବା ଜଳଯୋଗାଣ ପ୍ରକଳ୍ପ ପାଣିକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଦିନକୁ ଦିନ ଅଞ୍ଚଳରେ ମଧୁମେହ ଏବଂ କିଡ୍‌ନୀ ରୋଗୀ ବଢ଼ିବାରେ ଲାଗିଛି। ସେମାନଙ୍କ ପାଇଁ ନଳକୂପ କିମ୍ବା ଜଳ ଯୋଗାଣ ପ୍ରକଳ୍ପ ପାଣି ସମ୍ପୂର୍ଣ୍ଣ ରୂପେ ଉପଯୁକ୍ତ ପାନୀୟ ନୁହେଁ। ହେଲେ ଗରିବ ଲୋକ ଫିଲ୍ଟର ପାଣି ଯୋଗାଡ କରି ପାନୀୟ ରୂପେ ବ୍ୟବହାର କରିପାରୁ ନାହାଁନ୍ତି। ବର୍ତ୍ତମାନର ସ୍ଥିତିରେ ସୁସ୍ଥ ରହିବାକୁ ହେଲେ ପ୍ରତ୍ୟେକ ଲୋକଙ୍କୁ ଫିଲ୍ଟର ପାଣି ବ୍ୟବହାର କରିବାର ଆବଶ୍ୟକତା ରହିଛି। ଅଞ୍ଚଳର ପ୍ରତି ପଞ୍ଚାୟତ ହେଡ କ୍ୱାଟରରେ ଗୋଟେ ଲେଖାଏ ୱାଟର ଏଟିଏମ ଖୋଲିଲେ ଗରିବ ଶ୍ରେଣୀର ଲୋକ ଦୈନିକ ୫ ଟଙ୍କାରେ ଫିଲ୍ଟର ପାଣି ପାଇପାରିବେ ବୋଲି ମତ ପ୍ରକାଶ ପାଉଛି। ଏନେଇ କେତେକ ପଞ୍ଚାୟତର ସରପଞ୍ଚମାନଙ୍କୁ ପଚାରିବାରେ ସେମାନେ ଏହା ଖୋଲିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ପ୍ରତ୍ୟେକ ପଞ୍ଚାୟତ ସରପଞ୍ଚ ନିଜ ନିଜ ପଞ୍ଚାୟତ ହେଡକ୍ୱାଟରରେ ୱାଟର ଏଟିଏମ ଖୋଲିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ହାତୀ ଭୟ ଥିବା ବରଗଛ ତଳେ ରହୁଛନ୍ତି ଗହଳ

ଲୋଇସିଂହା,୨୯।୫ (ସୁଶାନ୍ତ ବାରିକ)

ଗହଳ ବରିହା, ବୟସ ୮୧ । ଘର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କଦଳୀପାଲି ଗ୍ରାମରେ । ଗହଳଙ୍କର କୌଣସି ସନ୍ତାନ ସନ୍ତତି ନ ଥିବାରୁ ସ୍ୱାମୀ ହାଡୁ ବରିହାଙ୍କ ମୃତ୍ୟୁ ପରେ ନିଃସଙ୍ଗ ଜୀବନ ବିତାଉଛନ୍ତି। ବୟସ ଅଧିକ ହୋଇ ଯାଇଥିବା ବେଳେ ଉପଯୁକ୍ତ ଚିକିତ୍ସା ଅଭାବରୁ ଚଲାବୁଲା କରି ପାରୁନାହାନ୍ତି । ଏପରି ପରିସ୍ଥିତିରେ ପାଣି ସଂଗ୍ରହ କରିବା ଓ ପେଟପୁରା ଗଣ୍ଡେ ଖାଇବାକୁ ନ ପାଇ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସେ ଘରେ ରହି ନ ପାରି ଘର ସମ୍ମୁଖରେ ଥିବା ବରଗଛ ତଳେ ଆଶ୍ରୟ ନେଇଛନ୍ତି। ହାତୀ ଉପଦ୍ରବ ଅଞ୍ଚଳରେ ଖୋଲା ଆକାଶ ତଳେ ବୃଦ୍ଧା ଜଣକ ରହୁଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ରହିଛି। କିଛିଦିନ ତଳେ ଗ୍ରାମର କେତେଜଣ ମହିଳା କେନ୍ଦୁପତ୍ର ସଂଗ୍ରହ ପାଇଁ ଯାଇଥିବା ବେଳେ ୩ ଟିକିଆ ହାତୀ ପଲ ଦେଖି ଜଙ୍ଗଲରୁ ଫେରି ଆସିଥିଲେ। ଅପରପକ୍ଷରେ ସେ ୫ ଦିନ ହେଲା ଖିଆପିଆ କରି ନ ଥିବାରୁ ଅନାହାର ମୃତ୍ୟୁ ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗହଳଙ୍କୁ ଆବାସ ଯୋଜନାରେ


ଘର ନିକଟରେ ବୃଦ୍ଧା ଗହଳ।

ଘର ଖଣ୍ଡିଏ ମିଳିଛି । ସେହି ଘରେ ସେ ଏକାକୀ ରହୁଛନ୍ତି । ଗାଁରେ ଘରକୁ ଘର ଟ୍ୟାପ୍ ପାଣି ସଂଯୋଗ ବେଳେ ସଂପୃକ୍ତ ବୃଦ୍ଧାଙ୍କୁ ଏଥିରୁ ବାଦ୍ ଦିଆଯାଇଥିଲା । ସେତେବେଳେ ଆଉ କେତେ ଦିନ ବା ସେ ବଞ୍ଚିବେ, ଗୋଟିଏ କନେକସନ ବେକାର ଯିବ । ଏପରି ମନ୍ତବ୍ୟ ଦେଇ ଠିକା ସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗହଳଙ୍କ ଘରକୁ ପାଇପ ଜଳ ସଂଯୋଗ ଦିଆଯାଇ ନ ଥିଲା । ଏ ସଂକ୍ରାନ୍ତରେ 'ପାଇପ୍ ଜଳ ସଂଯୋଗରୁ ବଞ୍ଚିତ ବୃଦ୍ଧା ଗହଳ' ଶୀର୍ଷକ ଏକ ଖବର ଧରିତ୍ରୀରେ ଏପ୍ରିଲ ୨୯ରେ ପ୍ରକାଶ ପାଇଥିଲା । ଏହାପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ସଂପୃକ୍ତ ବୃଦ୍ଧାଙ୍କୁ ପାଇପ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯାଇଛି। କିନ୍ତୁ ପାଇପ ଅଭାବ ଦର୍ଶାଇ ବୃଦ୍ଧାଙ୍କ ଘର ଠାରୁ ପ୍ରାୟ ୧୫ ରୁ ୨୦ ମିଟର ଦୂରରେ ଗାଁ ସ୍କୁଲ ପାଚେରିରେ ଏକ ଟ୍ୟାପ୍ ବସାଯାଇଛି । ଗୁରୁଣ୍ଡି ଗୁରୁଣ୍ଡି ଯିବା ଆସିବା କରୁଥିବା ସଂପୃକ୍ତ ବୃଦ୍ଧାଙ୍କ ପ୍ରତି ଠିକା ସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗର ଏପରି ମନୋଭାବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ଏ ସମ୍ପର୍କରେ ସଂପୃକ୍ତ ବୃଦ୍ଧାଙ୍କୁ ଭେଟି ପଚାରିବାରେ କହିଥିଲେ, କିଛିଦିନ ତଳେ ପାଇପ ସଂଯୋଗ ପାଇଁ ଆସିଥିବା ବିଭାଗୀୟ କର୍ମଚାରୀଙ୍କୁ ନିଜର

### ■ପାଣି ପାଇଁ ଏବେ ବି ସମସ୍ୟା
### ■ଅନାହାରରେ କାଟୁଛନ୍ତି ଦିନ

ସ୍ୱାସ୍ଥ୍ୟବସ୍ଥା ଜଣାଇ ଘର ନିକଟରେ ଟ୍ୟାପ୍ ଲଗାଇବାକୁ ଅନୁରୋଧ କରିଥିଲି। ହେଲେ ଅଧିକ ପାଇପ ନାହିଁ କହି ଘର ପାଖ ସ୍କୁଲ ପାଚେରିରେ ଏକ ଟ୍ୟାପ୍ ବସାଇ ଚାଲି ଯାଇଥିଲେ । କିନ୍ତୁ ସେଠାରୁ ପାଣି ଆଣିବା କଷ୍ଟକର ବୋଲି ସେ କହିଛନ୍ତି । ବୟସ ଅଧିକ ହୋଇଥିବାରୁ ରାନ୍ଧି ଖାଇ ପାରୁନାହାନ୍ତି। ସେ ୫ ଦିନ ହେଲା କିଛି ଖାଇ ନ ଥିବା ବେଳେ ଖରାରେ ସିଝୁଥିବା କହିଛନ୍ତି। ଖାଇବାକୁ ଦେବାକୁ କହି ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ ପଞ୍ଚାୟତରୁ ମିଳୁଥିବା ପିଡିଏସ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ନେଇ ଯାଉଛନ୍ତି। ହେଲେ ଠିକ୍ ଭାବେ ଖାଇବାକୁ ଦେଉ ନ ଥିବା ସେ କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉତ୍ତୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ବ୍ଲକ ପ୍ରଶାସନ ପକ୍ଷରୁ ବୃଦ୍ଧାଙ୍କୁ ସମସ୍ତ ସୁବିଧା ଦିଆଯାଉଛି। ପାଣି ଟ୍ୟାପ୍ ଘର ନିକଟରେ କରିବାକୁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଜିଲାପାଳ ସଂପୃକ୍ତ ବୃଦ୍ଧାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ତନୁଶ୍ରୀ ଡିଏଭି କଲେଜ ଟପ୍ପର

ଟିଟିଲାଗଡ଼,୨୯।୫(ଶରତ ମିଶ୍ର)



ଚଳିତବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସ୍ଥାନୀୟ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ତନୁଶ୍ରୀ ମିଶ୍ର କଲେଜ ଟପ୍ପର ହୋଇଛନ୍ତି। ଟିଟିଲାଗଡ ସହର ହାଟପଦା ପଡାର ଶୋଭାକର ମିଶ୍ର ଏବଂ ଜନକସୁତାଙ୍କ ଦୁଇ ଝିଅଙ୍କ ମଧ୍ୟରୁ ତନୁଶ୍ରୀ ସାନ । ସେ ଯୁକ୍ତ ୨ କଳାରେ ୮୮.୮୫ ପ୍ରତିଶତ ମାର୍କ ହାସଲ କରିଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ତାଙ୍କର ଏହି ସଫଳତା ନେଇ ମହାବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି। ତନୁଶ୍ରୀଙ୍କୁ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶି, କଲେଜ ଅଧ୍ୟକ୍ଷ ଡ. ପ୍ରଣବ ପ୍ରକାଶ ପୁରୋହିତ, ଯୁକ୍ତ ଦୁଇ ଷ୍ଟ୍ରିମ ଅଧ୍ୟକ୍ଷ ବିଧାନ ଚନ୍ଦ୍ର ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## ସେଞ୍ଚୁରିଆନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

### ସିଏଚ୍‌ଏସଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବୋର୍ଡ ପରୀକ୍ଷା

ବଲାଙ୍ଗୀର,୨୯।୫(ବୀରେନ୍ଦ୍ର କୁମାର ଝାଙ୍କର)

ସେଞ୍ଚୁରିଆନ ବିଦ୍ୟାଳୟ (ସିଏଚ୍‌ଏସଇ) ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୦ ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୧୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ କ୍ରିଷ୍ଣା ବାରିକ ୮୯ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଦେଇଛନ୍ତି। ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଛାତ୍ର ପ୍ରତ୍ୟୁଷ ରଞ୍ଜନ ପ୍ରଧାନ। ସେ ୮୮ ପ୍ରତିଶତ ମାର୍କ ରଖିଛନ୍ତି। ଛାତ୍ର ଶିବ ଶଙ୍କର ପ୍ରଧାନ ୮୫ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରମାନେ ସେମାନଙ୍କ ସଫଳତା ପାଇଁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ କୁମାର ଷଡ଼ଙ୍ଗୀ, ଅଧ୍ୟକ୍ଷ ଡ଼ ଅନଙ୍ଗ ଉଦୟ ନାୟକ ଓ ଉପାଧ୍ୟକ୍ଷା ଅଙ୍କିତା ଶୁଭ୍ରସ୍ମିତା ଗଡ଼ତ୍ୟା ଓ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶ୍ରେୟ ଦେଇଛନ୍ତି।

# ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ଅମରପାଲି,୨୯ା୫(ପୀତାମ୍ବର ସାହୁ)


ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁଦଗୁଦା ଗ୍ରାମବାସୀ।

**ଅମରପାଲି-ଗୁଦଗୁଦା ରାସ୍ତାରେ ବାଡଦେଇ ଅବରୋଧ ଘଟଣା**

■ ୧୦ଦିନ ପୂର୍ବେ ପୋଲିସ ଉପସ୍ଥିତିରେ ଖୋଲିଥିଲା ବାଡ଼

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି-ଗୁଦଗୁଦା ନିର୍ମାଣାଧୀନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଥିଲେ। ୧୯ ଦିନ ପରେ ପୋଲିସ ଉପସ୍ଥିତିରେ ଉକ୍ତ ବାଡ଼ାକୁ ଖୋଲି ଦିଆଯାଇଥିଲା। ମାତ୍ର ୧୦ଦିନ ପରେ ଏବେ ପୁଣି ଉକ୍ତ ରାସ୍ତା ଉପରେ ବାଡ଼ା ଦେଇ ଅବରୋଧ କରାଯାଇଛି। ଏହାର ପ୍ରତିବାଦ କରି ବୁଧବାର ଗୁଦଗୁଦା ଗ୍ରାମବାସୀ ଉକ୍ତ ବାଡ଼ା ଖୋଲି ରାସ୍ତାକୁ ସ୍ୱାଭାବିକ କରିବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରି ସମସ୍ୟାର ସମାଧାନ କରି ପରିସ୍ଥିତି ସ୍ୱାଭାବିକ କରିବାକୁ ଅନୁରୋଧ କରିଛନ୍ତି। କୌଣସି ବାଟ ନ ଫିଟିଲେ ସେମାନେ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗୁଦଗୁଦା ଗ୍ରାମର ଚମ୍ପେଶର ମିର୍ଦ୍ଧା, ସରୋଜ ନାଏକ, ସୁରେନ୍ଦ୍ର ଭୋଇ, ଗଣେଶ ମିର୍ଦ୍ଧା, ନନ୍ଦୀ ମିର୍ଦ୍ଧା, ବିଦେଶୀ ମିର୍ଦ୍ଧା, ବଳରାମ ମିର୍ଦ୍ଧା, ରଷି ଭୋଇ, କୁବେର ରାଏ, ମହାନ୍ତି ମିର୍ଦ୍ଧା, ନାଗେଶର ମିର୍ଦ୍ଧା, ଦୁର୍ଯ୍ୟୋଧନ ପ୍ରଧାନ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଅମରପାଲି ପୂର୍ତ୍ତ ବିଭାଗ ରାସ୍ତାରୁ ଗୁଦଗୁଦା ଗ୍ରାମର ଦୂରତ୍ୱ ପ୍ରାୟ ୨ କିମି। ଦୀର୍ଘଦିନର ଦାବି ପରେ ଉକ୍ତ ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ଗତ ଏପ୍ରିଲ ୨୭ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତା ମଝିରେ ଏକ ବାଡଦେଇ ଅବରୋଧ କରିଥିଲେ। ସେମାନଙ୍କ ଦାବି ଅନୁସାରେ ଉକ୍ତ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି। ତେଣୁ ସେମାନେ ବାଡ ଦେଇଥିଲେ। ହେଲେ ଆଲୋଚନା ପରେ ରାସ୍ତା ଛାଡ଼ି ଦିଆଯାଇଥିଲା। ହେଲେ ଗତ ମାର୍ଚ୍ଚ ୨୬ରେ ରାସ୍ତା ନିର୍ମାଣ ବେଳେ ସେମାନେ ପୁଣି ରାସ୍ତା ଅବରୋଧ କରିଥିଲେ। ୨୭ ତାରିଖରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମରେ କେନଝିରିଆପାଲି ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳକୁ ଆସି ଉକ୍ତ ରାସ୍ତାର ଜମି ଚିହ୍ନଟ କରିଥିଲେ। ତେବେ ସେହି ସମୟରେ ଗ୍ରାମବାସୀଙ୍କ ଆଲୋଚନାର ଦୁଇ ଦିନ ପରେ ରାସ୍ତା ଅବରୋଧ ହଟାଇ ଦିଯାଇଥିଲା। ମାତ୍ର ପୁଣି ଏପ୍ରିଲ ୨୮ରେ ସେହି ବ୍ୟକ୍ତିମାନେ ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ଫଳରେ ଉକ୍ତ ଗ୍ରାମକୁ କୌଣସି ଗାଡ଼ି ମୋଟର ଯାତାୟାତ କରି ପାରୁ ନ ଥିଲା। ଉକ୍ତ ରାସ୍ତା ଦେଇ ଅମରପାଲି, ଗୌଡଗାଡ, ବହଲପଦର ଓ ବୀରମହାରାଜପୁର ଅଞ୍ଚଳ ରଲୋକେ ଚାରମାଲ, ରେଢାଖୋଲ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରେଢ଼ାଖୋଲ ବ୍ଲକର ଗରଗଡବାହାଲ, କୁଆଖୋଲ, ବଦନଚୈଲା, ଡଙ୍ଗାପଥର, ତେଲିଘଣା ଆଦି ଗ୍ରାମର ଲୋକେ ପ୍ରତ୍ୟେକ କାମ ପାଇଁ ବୀରମହାରାଜପୁର ବଜାର ଉପରେ ନିର୍ଭର କରନ୍ତି। ଯାତାୟାତ ହୋଇ ପାରୁ ନ ଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ନିର୍ବାଚନ ପୂର୍ବରୁ ଗତ ୧୮ ତାରିଖରେ ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଟଙ୍କ ନିର୍ଦ୍ଦେଶକ୍ରମେ ହରିହର ଯୋର ଫାଣ୍ଡି ଅଧିକାରୀ ବିଭୁନ୍ଦ୍ରେ ବରାଳ ତାଙ୍କ ଟିମ୍ ସହିତ ଯାଇ ରାସ୍ତା ଅବରୋଧ କରିଥିବା ବ୍ୟକ୍ତି ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବାଡା ଖୋଲିଥିଲେ। ମାତ୍ର ଏବେ ପୁଣି ଥରେ ଉକ୍ତ ବ୍ୟକ୍ତିମାନେ ଏହି ରାସ୍ତାରେ ବାଡ଼ା ଦେଇ ଅବରୋଧ କରିଛନ୍ତି। ରାସ୍ତା ଅବରୋଧକାରୀଙ୍କ ସହିତ ଗ୍ରାମବାସୀଙ୍କ ଆଲୋଚନା ପରେ ମଧ୍ୟ ଏହାର ସମାଧାନ ହୋଇ ପାରିଲା ନାହିଁ। ତେଣୁ ଗୁଦଗୁଦା ଗ୍ରାମବାସୀ ବୁଧବାର ବୀରମହାରାଜପୁର ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ପରେ ସେମାନେ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ।

# ବୌଦ୍ଧରେ ରବି ଧାନ କ୍ରୟ ଆରମ୍ଭ


ଧାନ କିଣା ଶୁଭାରମ୍ଭ ସମୟରେ ଅଧିକାରୀମାନେ।

ବୌଦ୍ଧ,୨୯ା୫(ଅଜିତ କୁମାର ବାରିକ)

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଜିଲାର ଚାଷ କହିଲେ ମୁଖ୍ୟତଃ ଧାନ ଚାଷକୁ ବୁଝାଇଥାଏ । ଜିଲାରେ ଖରିଫ ଧାନ ବହୁଳ ମାତ୍ରାରେ ହେଉଥିବା ବେଳେ ରବି ଧାନ କା ଭାଁ ଅଞ୍ଚଳରେ ହେଉଥିବା ଦେଖିବାକୁ ମିଳିଛି । ଜିଲାର କଣ୍ଟାମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ରବି ଧାନ ହୋଇଥାଏ । ଚଳିତବର୍ଷ ୫୫୩୭ ଜଣ ଚାଷୀ ରବି ଧାନ କ୍ରୟ କରିବାକୁ ପଞ୍ଜୀକୃତ କରିଛନ୍ତି । ଜିଲାର ୨୨ ଗୋଟି ମଣ୍ଡିରେ ଧାନ କ୍ରୟ କରାଯିବ । ମଙ୍ଗଳବାର ଦିନ ସମବାୟ ବିଭାଗ ଓ ଯୋଗାଣ ବିଭାଗର ମିଳିତ ସହଯୋଗରେ ଖୁଣ୍ଟବନ୍ଧ ମାର୍କେଟ ୟାଡରେ ଜିଲାସ୍ତରୀୟ ଧାନ କିଣା ଆରମ୍ଭ ହୋଇଛି । ପ୍ରଥମ ଦିନରେ ୫ ଜଣ ଚାଷୀ ଧାନ ବିକ୍ରୟ କରିଥିବା ଜଣାପଡିଛି । ଧାନ କିଣା ସମୟରେ ଏଆରସିଏସ ହାଡିବନ୍ଧୁ ମହକୁଡ, ଆରଏମସି ସଂପାଦକ ଏସ. ପଟ୍ଟନାୟକ ଓ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ ।

# ମାଟ୍ରିକ ଟପ୍ପର ଶୁଭଙ୍କର, ଏ-୧ ଗ୍ରେଡ୍ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ସରଣ୍ଡା,୨୯ା୫(ଯୁଧିଷ୍ଠିର ମହାପାତ୍ର)

**ଗୋଷ୍ଠୀ ଶିକ୍ଷା ବିଭାଗରେ ସମ୍ବର୍ଦ୍ଧନା ସଭା**

ବରଗଡ଼ ଜିଲା ଅତାବିରା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ମାଟ୍ରିକ ଟପ୍ପର ଶୁଭଙ୍କରଙ୍କ ସମେତ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସିଆରସିସି ନନ୍ଦିଘୋଷ ଭୁଏ ସଭାପତିତ୍ୱ କରିଥିଲେ। ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ମୁଖ୍ୟଅତିଥି, ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ତପନ କୁମାର ଦାସ ଏବଂ ରବୀନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶିତ ୧୦ଶ୍ରେଣୀ ପରୀକ୍ଷାରେ ଜିଲାରେ ପ୍ରଥମ ହୋଇଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଲାଦରପାଲିର ଛାତ୍ର ଶୁଭଙ୍କର ସାହୁଙ୍କ ସମେତ ବ୍ଲକରେ ଏ-୧ ଗ୍ରେଡ୍‌ରେ ପାସ କରିଥିବା ଅର୍ପଣ ଲକ୍ଷ୍ମଣ ଭୋଇ, ରିତେଶ ସାହୁ, ସତ୍ୟସୁନ୍ଦର ପଣ୍ଡା, ଲସ୍ତଲା ଉଚ୍ଚବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ପ୍ରଧାନ ଏବଂ ଗୋଡ଼ଭଗା ଜନତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ପ୍ରୀୟଦର୍ଶିନୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଗୁରୁବାର ଅତାବିରା ଦୁର୍ଗା ମନ୍ଦିରରୁ ଶ୍ରୀ ଅରବିନ୍ଦ ସ୍କୁଲ ଯାଏଁ ପଦଯାତ୍ରାରେ ଶୁଭଙ୍କରଙ୍କୁ ଅତାବିରାବାସୀଙ୍କ ପକ୍ଷରୁ ବିରାଟ ଶୋଭାଯାତ୍ରା କରାଯାଇ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ ବୋଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପ୍ରଧାନ ଶିକ୍ଷକ ଟିକଲାଲ ଚାନ୍ଦ ପ୍ରକାଶ କରିଛନ୍ତି। ଶେଷରେ ଶିକ୍ଷକ ରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ବ୍ଲକର ସମସ୍ତ ସିଆରସିସି ଏବଂ କୃତୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକ ଉପସ୍ଥିତ ଥିଲେ।



ମାଟ୍ରିକ ଟପ୍ପର ଏବଂ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କଳାପଥର କଲେଜ ଛାତ୍ର ଶୁଭମ ପ୍ରଧାନ ଉପଖଣ୍ଡ ଟପ୍ପର

**ଯୁକ୍ତ ୨ କଳାରେ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲର ସଫଳତା**


ଶୁଭମ ପ୍ରଧାନ।

ଅମରପାଲି,୨୯ା୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କଳାପଥରସ୍ଥିତ ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲର ଛାତ୍ର ଶୁଭମ ପ୍ରଧାନ ଯୁକ୍ତ ୨ କଳାରେ ଉପଖଣ୍ଡ ଟପ୍ପର ହୋଇଛନ୍ତି। ଶୁଭମ ମୋଟ ୬୦୦ ନମ୍ବରରୁ ୫୨୦ ନମ୍ବର ରଖିଛନ୍ତି। ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ସମସ୍ତ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କଠାରୁ ସେ ସର୍ବାଧିକ ନମ୍ବର ରଖିଛନ୍ତି। ତାଙ୍କର ଏହି ସଫଳତା ଯୋଗୁ କଲେଜର ମାନ ବୃଦ୍ଧି ହୋଇଛି ବୋଲି କଲେଜ ଅଧକ୍ଷ ଶ୍ରୀକାନ୍ତ ପ୍ରଧାନ କହିଛନ୍ତି। ତାଙ୍କ ଏହି ସଫଳତାରେ କଲେଜରର ସମସ୍ତ ଅଧ୍ୟାପିକା,ଅଧ୍ୟାପକ, ପରିଚାଳନା କମିଟି ସଭ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସତ୍ୟବାଦୀ ହାୟର ସେକେଣ୍ଡାରୀ ସ୍କୁଲରେ ୧୭୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

# ଭୋଟ ଗଣତି ପାଇଁ ଜିଲା ପ୍ରଶାସନର ପ୍ରସ୍ତୁତି

ବୌଦ୍ଧ,୨୯ା୫(ଅଜିତ କୁମାର ବାରିକ)


ଭୋଟ ଗଣିତ ନେଇ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ଆସନ୍ତା ୪ ତାରିଖରେ ବୌଦ୍ଧ ଜିଲାରେ କନ୍ଧମାଳ ସଂସଦୀୟ କ୍ଷେତ୍ର, ବୌଦ୍ଧ ବିଧାନସଭା ଓ କଣ୍ଟାମାଳ ବିଧାନସଭା ପାଇଁ ଭୋଟ ଗଣତି ହେବାକୁ ଥିବା ବେଳେ ମଙ୍ଗଳବାର ଦିନ ଜିଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଜିଲାପାଳ ଜେ.ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭୋଟ ଗଣତି ଯେପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲାପାଳ ସୋନାଲ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାଟମେଣ୍ଟ ଅଧିକାରୀମାନଙ୍କୁ ପୂର୍ବରୁ ମକ୍ଡ୍ରିଲ କରି ସଠିକ ଭାବେ କାର୍ଯ୍ୟ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ମୋବାଇଲ ଆମ୍ବୁଲାନ୍ସ ଟିମ୍, ଫାଷ୍ଟଏଡ ଟିମ୍, ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଗ୍ନିଶମ ବିଭାଗକୁ ନିରାପତ୍ତା ସାର୍ଟିଫିକେଟ ସହ ଅଗ୍ନିଶମ ଗାଡି ଓ କର୍ମଚାରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ ବିଭାଗ ବିଦ୍ୟୁତ ସରବରାହ ବନ୍ଦ ନ କରିବା ସହିତ ଜରୁରୀ ପରିସ୍ଥିତ ପାଇଁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟାରିକେଟ ବ୍ୟବସ୍ଥା ଭୋଟ ଗଣତି ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବୌଦ୍ଧ ବିଡିଓଙ୍କୁ ଶ୍ରମିକ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳ ପରିମଳ ବିଭାଗ ପକ୍ଷରୁ ପାଣିଟାଙ୍କି, ଅସ୍ଥାୟୀ ଶୌଚାଳୟ କରିବାକୁ କହିଥିଲେ। ନିରନ୍ତର ଇନରନେଟ ସେବା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ପି ରାଜ ପ୍ରସାଦ, ଏଡିଏମ ଦିଲିପ କୁମାର ମହାପାତ୍ର, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଶାଶ୍ୱତ ପ୍ରଧାନ, ସ୍ୱସ୍ତିକ ଜମାଦାରଙ୍କ ସମେତ ସମସ୍ତ ବିଡିଓ, ତହସିଲଦାଲ, ଅତିରିକ୍ତ ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବରିଷ୍ଠମାନେ ସମାଜର ମାର୍ଗଦର୍ଶକ

ସୋନପୁର,୨୯ା୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ ସହରସ୍ଥିତ ଗୋପାଳଜୀ ଯୋଗାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ସଭାପତିତ୍ୱ କରିଥିଲେ। ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଘାସିରାମ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ। ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ସୁନିଶ୍ଚିତ କରି ସମାଜରେ ଏକ ଉଦାହରଣ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ବସନ୍ତ ଆଚାର୍ଯ୍ୟଙ୍କ ସହ ବିକ୍ରମ ବହିଦାର, ଶିବ ପ୍ରସାଦ ଖୁଆସ, ଗୋରେଖନାଥ ସାହୁ, ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘର ଡ. ପ୍ରଫୁଲ୍ଲ ରଥ, ବିନିକାର ପ୍ରସନ୍ନ ପଣ୍ଡା, ସତ୍ୟନାରାୟଣ ମିଶ୍ର, ମୀନା ମହାରଣା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଘର ବରିଷ୍ଠ ସଭ୍ୟ ରମେଶ ପ୍ରସାଦ ନାୟକ, ନାରାୟଣ ପ୍ରସାଦ ରାୟଗୁରୁ ଓ ମନୋରଞ୍ଜନ ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଘର ବରିଷ୍ଠ ସଦସ୍ୟା ଇନ୍ଦୁମତି ପୁରୋହିତ, ସଭ୍ୟ ସନ୍ତୋଷ ପାଢୀ, ଆର୍ତ୍ତତ୍ରାଣ ବାବୁ, ହରିହର ଶତପଥୀ, ବାସୁଦେବ ମିଶ୍ର, ଯୋଗେନ୍ଦ୍ର ପଣ୍ଡା, ଇନ୍ଦ୍ରମଣି ଦାଶ, ହରିନାରାୟଣ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଲୁଣ୍ଡା, ଖୁଣ୍ଟୁଲାପାଲି ବିଜୟୀ

ଅମରପାଲି,୨୯ା୫(ପୀତାମ୍ବର ସାହୁ)

**କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ଖେଳ ପଡ଼ିଆରେ ଚାଲିଥିବା ୧୪ତମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟର ବୁଧୁବାର ଥିଲା ଚତୁର୍ଥ ଦିବସ। ଏହି ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଉଲୁଣ୍ଡା ଓ ବୈରଗିପାଲି ମଧ୍ୟରେ ହୋଇଥିଲା। ବୈରଗିପାଲି ଦଳ ଟସ୍ ଜିଣି ଉଲୁଣ୍ଡାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଉଲୁଣ୍ଡା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୦୧ ରନ କରିଥିଲା। ଜବାବରେ ବୈରଗିପାଲି ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୋଟସମଲାଇ ଦଳ ଟସ୍ ଜିଣି ଖୁଣ୍ଟୁଲାପାଲିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଖୁଣ୍ଟୁଲାପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୨୦ ରନ କରିଥିଲା। ଜବାବରେ କୋଟସମଲାଇ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୧ରନ କରି ପରାସ୍ତ ହୋଇଥିଲା। ଉଭୟ ମ୍ୟାଚରେ ପରମାନନ୍ଦ ହୋତା ଓ ବିଶନାଥ ବାରିକ ଅମ୍ପେୟାର, ନେହେରୁ ସେଠୀ ସ୍କୋରିଂ ଏବଂ ନିତ୍ୟାନନ୍ଦ ପ୍ରଧାନ ଓ ଶ୍ୟାମ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ।


ବିଜୟୀ ଉଲୁଣ୍ଡା ଦଳର ଖେଳାଳିମାନେ।

# ରାସ୍ତାପାର୍ଶ୍ୱ ଆଲୋକୀକରଣ ପ୍ରତି ଦୃଷ୍ଟିନାହିଁ

ସୋନପୁର,୨୯ା୫(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ସହର**

ସୁବର୍ଣ୍ଣପୁର ସହରରେ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥା ନାମକୁମାତ୍ର ରହିଛି। ସନ୍ଧ୍ୟା ହେଲେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ ମନ୍ଦିର ପରିସର ଅନ୍ଧାର ରହୁଛି। ସହରବାସୀଙ୍କୁ ଏବେ ଜହ୍ନ ଆଲୁଅ ହିଁ ଏକମାତ୍ର ଭରସା। ଅମାବାସ୍ୟା ସମୟରେ କିଟିକିଟି ଅନ୍ଧାରରେ ଲୋକଙ୍କୁ ଯିବା ଆସିବା କରିବାକୁ ପଡୁଛି। ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏବେ ରାଜ୍ୟସ୍ତରରୁ ଏକ ଘରୋଇ କମ୍ପାନୀ ଦ୍ୱାରା ନିୟନ୍ତ୍ରଣ ହେଉଛି। ଲୋକେ ଅଭିଯୋଗ କଲେ ମଧ୍ୟ ପରିଷଦ ତାର ସମାଧାନ କରିପାରୁନି। ଅନ୍ୟପକ୍ଷେ ଏହି ବ୍ୟବସ୍ଥା ରାଜ୍ୟ ସରକାରଙ୍କ ହାତରେ ଥିବା କହି ପୌର ପ୍ରଶାସନ ନିଜ ଦାୟିତ୍ୱରୁ ଖସି ଯାଉଛି। ସହରବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ଆବାସିକ କାର୍ଯ୍ୟାଳୟ ସମ୍ମୁଖ, ରିଜର୍ଭ ପୋଲିସ ରାସ୍ତା, ବନଖଣ୍ଡ ଅଧିକାରୀଙ୍କ କାର୍ଯାଳୟ ଓ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦୀର୍ଘ ଅଢେଇ ବର୍ଷ ହେବ ଅନ୍ଧାରରେ ରହିଛି। ସହର ଆଲୋକୀକରଣ ଓ ମରାମତି ନାଁରେ ପରିଷଦ କୋଟିକୋଟି ଟଙ୍କା ବ୍ୟୟ କରୁଛି। କିନ୍ତୁ ତେଲନଦୀ ବ୍ରିଜ୍‌ରୁ ନୂତନ ଟାଉନ ହଲ ଓ ନୂତନ ଟାଉନ ହଲରୁ ବୀର ସୁରେନ୍ଦ୍ର ସାଏ ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନି। ଖୋଦ୍ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆଲୋକ ବ୍ୟବସ୍ଥା ନଥିବାରୁ ପୌରପରିଷଦର ଅପାରଗତା ପଦାରେ ପଡିଯାଇଛି। ମନ୍ଦିରମାଳିନୀ ଏହି ସହରରେ ୧୫ଟି ୱାର୍ଡ ରହିଛି। ୨୦୧୫ରୁ ରାସ୍ତାପାର୍ଶ୍ୱ ଉଜ୍ୱଳ ଆଲୋକ ବ୍ୟବସ୍ଥା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଏଲଇଡି ଲାଇଟ୍ ସହରରେ ଲାଗିଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ସହରର ଅଧା ଅଂଶ ଅନ୍ଧାର ରହୁଛି। ରାସ୍ତା ପ୍ରଶସ୍ତିକରଣ ପାଇଁ ନୂତନ ଟାଉନ ହଲରୁ ମହାନଦୀ ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଖୁଣ୍ଟ ଓ ଆଲୋକ ବ୍ୟବସ୍ଥାକୁ ହଟାଇ ଦିଆଯାଇଥିଲା। ଦୀର୍ଘ ମାସ ହେବ ରାସ୍ତା କାମ ସରିଥିଲେ ମଧ୍ୟ ଉଜ୍ୱଳ ଆଲୋକ ବ୍ୟବସ୍ଥା ହୋଇପାରିନାହିଁ। ସେହିପରି ତେଲନଦୀ ବ୍ରିଜ୍‌ରୁ ରିଂ ରୋଡର କୁମ୍ଭାରପଡା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱକୁ ଆଲୋକୀକରଣ କରାଯାଉନାହିଁ। ଏହି ରାସ୍ତା ଏବେ ଅସାମାଜିକବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସନ୍ଧ୍ୟା ହେଲେ ସୁବର୍ଣ୍ଣମେରୁ ଓ ରାମେଶ୍ୱର ଶୈବପୀଠ ଏବଂ ସର୍କିଟ୍ ହାଉସକୁ ଯିବା ପାଇଁ ଲୋକେ ଭୟ କରୁଛନ୍ତି। କଚେରୀ ଛକରୁ ବୁଢାରଜା ଛକ ଅନ୍ଧାର ରହୁଛି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ସୋନପୁର କଲେଜ, ଜିଲା ପୋଲିସ କାର୍ଯ୍ୟାଳୟ, ଏସ୍‌ପିଙ୍କ ଆବାସିକ କାର୍ଯ୍ୟାଳୟ, ଜିଲା ଦୌରାଜଜ ଓ ଅତିରିକ୍ତ ଜିଲା ଜଜଙ୍କ ବାସଭବନ, ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ତେଲ ଜଳସେଚନ କଲୋନି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଏବଂ ଅଧିକାରୀଙ୍କ ବାସଭବନ ରହିଛି। ଡିଆଇସି ଅଫିସ ଛକରୁ ସୁବର୍ଣ୍ଣମେରୁ ମନ୍ଦିର, ଦୁର୍ଗାମଣ୍ଡପ ଛକରୁ ବୃନ୍ଦାବନ ବିହାରୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମଧ୍ୟ ଅନ୍ଧାର ରହୁଛି। ସହରର ପ୍ରମୁଖ ପ୍ରବେଶ ପଥ ଓ ଆଭ୍ୟନ୍ତରୀଣ ଅଞ୍ଚଳ ଅନ୍ଧାର ରହୁଥିବାରୁ ରାସ୍ତାରେ ଯାତାୟତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ର ଟିଉସନ ଯିବାରେ ଅସୁବିଧା ଭୋଗୁଛନ୍ତି। ରାସ୍ତା ଅନ୍ଧାର ସାଙ୍ଗକୁ ବୁଲା ଗାଇଗୋରୁ ଓ କୁକୁର ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛନ୍ତି। ଅନେକ ସମୟରେ ଦୁର୍ଘଟଣାରେ ମୂଲ୍ୟବାନ ଧନଜୀବନ ହାନୀ ହେଉଛି। ଆଗକୁ ଶୀତଳଷଷ୍ଠୀ ଓ ରଥଯାତ୍ରା ଆସୁଛି। ପୌର ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପୌରାଧକ୍ଷା ତାମସି ତାମସ୍ୱିତା ନାୟକଙ୍କୁ ପଚାରିବାରୁ ରାସ୍ତାପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ରାଜ୍ୟସ୍ତରରେ ଏକ ଘରୋଇ କମ୍ପାନୀ ନିୟନ୍ତ୍ରଣରେ ରହିଛି। ସମସ୍ୟା ହେଲେ ସେମାନଙ୍କୁ ଜଣାଇ ସମାଧାନ କରାଯାଉଛି। ନୂତନ ଟାଉନ ହଲ ଛକରୁ ପଟାଭାଡି ସ୍ଥିତ ସାମ୍ବାଦିକ ଭବନ, ତେଲନଦୀ ବ୍ରିଜ୍‌ରୁ ରିଂରୋଡର କୁମ୍ଭାରପଡା ଓ ଡିଆଇସି ଅଫିସରୁ ସୁବର୍ଣ୍ଣମେରୁ ମନ୍ଦିର ରାସ୍ତା ପାର୍ଶ୍ୱ ଆଲୋକୀକରଣ ପାଇଁ ରାଜ୍ୟସ୍ତରରେ ଟେଣ୍ଡର ହୋଇଛି। ନିର୍ବାଚନ ଆଚରଣବିଧି ଉଠିବା ପରେ କାମ ଆରମ୍ଭ ହେବ ବୋଲି ପୌରାଧକ୍ଷା କହିଛନ୍ତି।

# ମଣ୍ଡିରେ ଅବ୍ୟବସ୍ଥା, ପ୍ରତିବାଦ କଲେ ଚାଷୀ

■ପାନୀୟ ଜଳ ଭଳି ସର୍ବନିମ୍ନ ସୁବିଧା ନାହିଁ

■ଧାନ ଅନଲୋଡ କରିବାକୁ ଦେଖାଦେଉଛି ସମସ୍ୟା



ଅବ୍ୟବସ୍ଥା ନେଇ ଚାଷୀମାନେ ଆର୍‌ଏମ୍‌ସିରେ ଧାନ ବୋଝେଇ ଟ୍ରାକ୍ଟରକୁ ଅଟକାଇଛନ୍ତି।

ସମ୍ବଲପୁର,୨୯।୫(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଚଳିତ ମାସ ୧୦ ତାରିଖଠାରୁ ରବିଋତୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବରେଇପାଲି ଆରଏମ୍‌ସିଠାରେ ଜିଲା ଯୋଗାଣ ଅଧିକାରୀ, ଚାଷୀ ସଙ୍ଗଠନ ପ୍ରତିନିଧିଙ୍କ ଉପସ୍ଥିତିରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ଧାନ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। କିଛି ଦିନ ସୁରୁଖୁରୁରେ ଚାଲିଲା ପରେ ବୁଧବାର ଏଠାରେ ଲାଗି ରହିଥିବା ଅବ୍ୟବସ୍ଥାର ପ୍ରତିବାଦ କରିଥିଲେ ଶତାଧିକ ଚାଷୀ। ଚାଷୀଙ୍କ ଆନ୍ଦୋଳନ ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଧାନ ସଂଗ୍ରହ ବାଧାପ୍ରାପ୍ତ ହୋଇଥିଲା। ଏଠାରେ ପାନୀୟ ଜଳ ଭଳି ସର୍ବନିମ୍ନ ସୁବିଧା ମଧ୍ୟ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ୪୫ ଡିଗ୍ରୀ ସେଲସିୟସ ଖରାରେ ଧାନ ବିକ୍ରୟ କରିବା ପାଇଁ ଆର୍‌ଏମ୍‌ସି ମଣ୍ଡିକୁ ଆସିଥିବା ଚାଷୀ ପାଣି ପାଇଁ ତହଲବିକଳ ହେଉଛନ୍ତି। ସେହିପରି ମଣ୍ଡିରେ ବାହାରୁ ଆସୁଥିବା ମାଲ ବୋଝେଇ ଟ୍ରକ୍ ପାର୍କିଂ କରୁଥିବାରୁ ବିକ୍ରି ପାଇଁ ଆସୁଥିବା ଧାନ ବୋଝେଇ ଟ୍ରାକ୍ଟର ଓ ଟ୍ରକ ଯାତାୟାତ ବାଧାପ୍ରାପ୍ତ ହେବା ସହ ଧାନ ଅନଲୋଡିଂରେ ସମସ୍ୟା ସୃଷ୍ଟି ହେଉଛି। ଆର୍‌ଏମ୍‌ସି ସମ୍ପାଦକ ଓ ଯୋଗାଣ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ଜୟଦୁର୍ଗା କୃଷକ ସଙ୍ଗଠନ କର୍ମକର୍ତ୍ତା ଓ ଶତାଧିକ ସଂଖ୍ୟାରେ ଚାଷୀ ନିଜ ଧାନ ବୋଝେଇ ଟ୍ରାକ୍ଟର ଓ ଟ୍ରକକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ଚାଷୀଙ୍କ ଆନ୍ଦୋଳନ ଯୋଗୁ ଏଠାର ଦୀର୍ଘ ସମୟ ଧରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଆର୍‌ଏମ୍‌ସି ସମ୍ପାଦକ ସୁବାଷ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ସମସ୍ତ ସୁବିଧା ଉପଲବ୍ଧ କରିବା ପାଇଁ ଦୁଇଦିନ ସମୟ ମାଗିଥିଲେ। ଏହାବାଦ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ଓ ଧାନ ସଂଗ୍ରହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ବୋଲି କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଜୟଦୁର୍ଗା କୃଷକ ସଙ୍ଗଠନ ସଭାପତି ସୁଜିତ ବଢ଼େଇ, ଭୈରବ ପ୍ରଧାନ, ଦାମୋଦର ପ୍ରଧାନ, ଭବାନୀ ସାହୁ, ନରୋତ୍ତମ ସାହୁଙ୍କ ସହିତ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଧାନସଂଗ୍ରହ ପୂର୍ବରୁ ଚାଷୀ ସଙ୍ଗଠନ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ଏହ ଆରଏମସିରେ ସୁରୁଖୁରୁରେ ଧାନ ସଂଗ୍ରହ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଧାନସଂଗ୍ରହ କାର୍ଯ୍ୟରେ ଚାଷୀଙ୍କ ପାଇଁ ପାନୀୟ ଜଳଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏବେ ତାହା ଉପଲବ୍ଧ ନ ହେବାରୁ ଏହି ପରିସ୍ଥିତି ଉପୁଜିଛି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ



ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସମ୍ବଲପୁର,୨୯।୫(ବି.ଶଙ୍କର)

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଢ଼ରରୋପାନି ଗ୍ରାମରେ ପାଳିତ ହୋଇଯାଇଛି। ଆଦିତ୍ୟ ଆଲୁମିନିୟମ ସିଏସଆର ମୁଖ୍ୟ ଶ୍ୱେତା ଉପାଧ୍ୟାୟ ମୁଖ୍ୟ ଅତିଥି, ଉପପ୍ରବନ୍ଧକ ମନୋରଞ୍ଜନ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ ଉପରେ ଆଧାରିତ ମାସିକ ଋତୁସ୍ରାବକୁ ବିଶ୍ୱସ୍ତରରେ ପରିବେଶ ଅନୁକୂଳ କରିବା ଏକ ନିଆରା ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କହିଥିଲେ। ମାସିକ ଋତୁସ୍ରାବ ପ୍ରାକୃତିକ ପ୍ରକ୍ରିୟା, ଏହି ସମୟରେ ସ୍ୱଚ୍ଛତାର ପ୍ରକୃତ ପ୍ରଣାଳୀ ଅବଲମ୍ବନ ଏବଂ ଏହାସହ ଜଡିତ ଅନ୍ଧବିଶ୍ୱାସ ଓ କଳଙ୍କକୁ କିପରି ସଂଶୋଧନ କରାଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ଏହି ସମସ୍ୟାର ନିୟନ୍ତ୍ରଣ ନିମନ୍ତେ ପ୍ରକଳ୍ପ ସମାଧାନ ନାମକ ଅଭିଯାନ ପ୍ରାରମ୍ଭ କରିଥିଲା । ଏହି ପ୍ରକଳ୍ପ ଅଧିନରେ ୧୧ ଟି ସ୍ଥାନରେ ଇନ୍ସିନିରେଟର ଦେଇ ଏହାର ସଦ୍‌ବ୍ୟବହାର ଓ ସୁପରିଚାଳନା ଉପରେ କିଶୋରୀ ବାଳିକାମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଯଦି ଆମେ କୈଶର ସମୟରେ ହିଁ ଏହାର ସମାଧାନ ଖୋଜିବା ତାହାଲେ ଆଗାମୀ ପିଢ଼ିକୁ କୌଣସି ପ୍ରକାରର ଅସୁବିଧା ଦେଖିବାକୁ ପଡ଼ିବ ନାହିଁ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୃଷ୍ଟି ବାଧିତ- ସିଏ ଆର ସଂଯୋଜିକ ଗାୟତ୍ରୀ ସାହୁ ସଚେତନତା ଗୀତ ଗାନ କରିଥିଲେ । ଗ୍ରାମର ୬ କିଶୋରୀ ଏହି ଥିମ ଉପରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସର୍ବଶେଷରେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ କିଶୋରୀ ବାଳିକା ଓ ମହିଳାମାନଙ୍କୁ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସାନିଟାରୀ ପ୍ୟାଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଢ଼ରରୋପାନି ଗ୍ରାମର ଆଶା ଓ ଅଙ୍ଗନବାଡିକର୍ମୀ ଉପସ୍ଥିତ ଥିଲେ।

# କିନ୍ନର ସମାଜ ଇଷ୍ଟଦେବୀ ମା’ ବହୁଚରାଙ୍କ ପୂଜା ସମ୍ପନ୍ନ



ଇଷ୍ଟଦେବୀ ମା’ ବହୁଚରାଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

■ଶୀତଳଷଷ୍ଠୀ ପାଇଁ ସମ୍ବଲପୁରରେ ପହଞ୍ଚିଲେ କିନ୍ନର

■ଭସାଣି ଶୋଭାଯାତ୍ରା କରି ମହାନଦୀ ଘାଟରେ କଲେ ମୂର୍ତ୍ତି ବିସର୍ଜନ

ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ)

କିନ୍ନର ସମାଜର ଇଷ୍ଟଦେବୀ ମା’ ବହୁଚରାଙ୍କ ଦିଦିବସୀୟ ପୂଜାର୍ଚ୍ଚନା ପରେ ବୁଧବାର ମହନଦୀର ବାଲିବନ୍ଧା ଘାଟରେ ବିସର୍ଜନ କରାଯାଇଛି। ଶୀତଳଷଷ୍ଠୀ ପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ସମ୍ବଲପୁର ପହଞ୍ଚିଥିବା କିନ୍ନରମାନେ ବହୁଚରାଙ୍କ ପୂଜାର୍ଚ୍ଚନା କରିବା ପରେ ଭଷାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗତ ରବିବାର ମା’ ବହୁଚରାଙ୍କ ପୂଜାର୍ଚ୍ଚନା ପାଇଁ ମହାନଦୀ ଘାଟରୁ ପୂର୍ଣ୍ଣ ଜଳ କଳସୀ ଅଣାଯାଇ ଦାନୀପାଲି ନିକଟ ବିଶ୍ୱ ଭବନଠାରେ ସ୍ଥାପନ କରାଯାଇଥିଲା। ଏହାପରେ ବିଶ୍ୱର ମଙ୍ଗଳ କାମନା କରାଯାଇ ପୂଜା ଆରାଧନା କରାଯାଇଥିଲା। ଏଥିରେ ତାନିଆ ନାୟକ, ଗୁପ୍ତେଶ୍ୱର ସୁନା, ଅଜିତ ବେହେରା, ନନ୍ଦୁ ସୁନା ପ୍ରମୁଖ କର୍ତ୍ତାଭାବେ ସାମିଲ ହୋଇଥିଲେ । ସମ୍ବଲପୁରରେ ଆଉ କିଛି ଦିନ ପରେ ଶୀତଳଷଷ୍ଠୀ ଯାତ୍ରା ହେବ। ଶିବ ଏବଂ ପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ଅକ୍ଷୟ ତୃତୀୟାରେ ଥାଳଉଠାଠାରୁ ସଜାବାଜ ଆରମ୍ଭ ହୋଇଛି। ଏହି ବିବାହ ଉତ୍ସବରେ ଦେବତା ଦାନବଠାରୁ କିନ୍ନରମାନେ ସମସ୍ତେ ସାମିଲ ହୁଅନ୍ତି ବୋଲି ବିଶ୍ୱାସ ରହିଛି। କିନ୍ନରମାନେ ସମ୍ବଲପୁର ପହଞ୍ଚିଲେ ଶୀତଳଷଷ୍ଠୀ ଯାତ୍ରାର ପରିବେଶ ସୃଷ୍ଟି ହୋଇଥାଏ। ବିଭିନ୍ନ ଅଞ୍ଚଳରୁ କିନ୍ନରମାନେ ସମ୍ବଲପୁର ପହଞ୍ଚିବା ପରେ ସେମାନେ ଏକାଠି ହୋଇ ପ୍ରଥମେ ନିଜର ଇଷ୍ଟଦେବୀ ବହୁଚରା ମାତାଙ୍କୁ ପୁଜାର୍ଚ୍ଚନା କରିଥାନ୍ତି ।

# ମତଦାନ ପରଠାରୁ ସମ୍ବଲପୁରରେ ଅଘୋଷିତ ବିଜୁଳିକାଟ୍




ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତା ଗଣ।

ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ)

**ଅମଲାତାନ୍ତ୍ରିକ ସର୍ବସ୍ୱ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଚାଲିଛି: ଭାଜପା**

ସମ୍ବଲପୁରରେ ସାଧାରଣ ନିର୍ବାଚନ ମେ ୨୫ତାରିଖରେ ସରିବା ପରଠାରୁ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋଭୋଲେଟେଜ ସମସ୍ୟା ଦେଖାଦେଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାତି ମଧ୍ୟରେ ବିଦ୍ୟୁତ୍ କାଟ୍ ଲୋକଙ୍କୁ ବ୍ୟତିବ୍ୟସ୍ତ କରିଛି। ଏହା ରାଜ୍ୟ ସରକାରଙ୍କ ମାଗଣା ବିଦ୍ୟୁତ୍ ଯୋଗାଣର ମିଥ୍ୟା ପ୍ରତିଶ୍ରୁତର ମୁଖା ଖୋଲି ଦେଇଛି। ସମ୍ବଲପୁରରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଏ ନେଇ ରାଜ୍ୟର ବିଜେଡି ସରକାରକୁ ଘେରିଛି ଭାଜପା। ଏଥିସହ ଅନ୍ୟ କେତେକ ପ୍ରସଙ୍ଗରେ ବିଜେଡିର କାର୍ଯ୍ୟକ୍ରମକୁ ସମାଲୋଚନା କରିଛି। ବର୍ଷ ବର୍ଷ ଧରି ଭୋଟ ଦେଇ ଆସୁଥିବା ସମ୍ବଲପୁରର ସ୍ଥାୟୀ ବାସିନ୍ଦାଙ୍କୁ ମତଦାତା ତାଲିକାରୁ ବାହାର କରି ଦେବା ଏକ ସୁନିୟୋଜିତ ସରକାରୀ ଷଡଯନ୍ତ୍ର ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟରେ ଅମଲାତାନ୍ତ୍ରିକ ସର୍ବସ୍ୱ ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଚାଲିଥିବା ନେଇ ଭାଜପା ପକ୍ଷରୁ ହୋଇ ଆସୁଥିବା ଅଭିଯୋଗ ଏବେ ସତ୍ୟ ପ୍ରମାଣିତ ହୋଇଛି ବୋଲି ଖବରଦାତା ସମ୍ମିଳନୀରେ କହିଛନ୍ତି ଭାଜପାର ବରିଷ୍ଠ ନେତା ଡ ପ୍ରମୋଦ ରଥ। ନବୀନ ପଟ୍ଟନାୟକ କେବଳ ମୁଖ୍ୟମନ୍ତ୍ରୀ ଚେହେରା ହୋଇ ରହିଥିବା ବେଳେ ଚାରି, ପାଞ୍ଚ ଜଣ ଅଣଓଡ଼ିଆ ପ୍ରଶାସନିକ ଅଧିକାରୀ ତାଙ୍କୁ ଆୟତ୍ତ କରି ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରି ରଖିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏବେ ନିର୍ବାଚନ ଆୟୁକ୍ତଙ୍କ ବିଭିନ୍ନ ଟିପ୍ପଣୀ ଓ କାର୍ଯ୍ୟାନୁଷ୍ଠାନରୁ ଏସବୁ ଅଭିଯୋଗର ସତ୍ୟତାକୁ ପ୍ରମାଣିତ କରୁଛି ବୋଲି ଡ଼.ରଥ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସ୍ୱେଚ୍ଛାକୃତ ଅବସର ନେଇଥିବା ତାଙ୍କର ପୂର୍ବତନ ବ୍ୟକ୍ତିଗତ ସହାୟକ ତଥା ଆଇଏଏସ ଅଧିକାରୀ ଜଣକ ଯେଭଳି ଆଚାରଣ ପ୍ରଦର୍ଶିତ କରୁଛନ୍ତି ତାହା କେବଳ ସେହି ପଦବୀ ପାଇଁ ଅପମାନ ନୁହେଁ, ଏହା ସାଢେ ଚାରି କୋଟି ସ୍ୱାଭିମାନୀ ଓଡ଼ିଆଙ୍କ ଅପମାନ ବୋଲି ସେ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ପେନାଲିଷ୍ଟ ମାନସ ବକ୍ସି, ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ସକ୍ରିୟ କାର୍ଯ୍ୟକର୍ତ୍ତା ମୁକେଶ ଜରିୱାଲ, ରଞ୍ଜିତ ରଥ ସାମିଲ ଥିଲେ ।

# ପାରଦ ୪୫ ଛୁଇଁଲା: ଜନଜୀବନ ଅସ୍ତବ୍ୟସ୍ତ

କୁଚିଣ୍ଡା,୨୯।୫(ବିରଞ୍ଚି ଦର୍ଜୀ)

କିଛିଦିନର ବ୍ୟବଧାନ ପରେ ପୁଣି ତାତି ଫେରିଛି। ସମଗ୍ର ପଶ୍ଚିମ ଓଡିଶାରେ ଗ୍ରୀଷ୍ମ ଲହରୀ ଜାରି ରହି ଅଗ୍ନିବର୍ଷା ହେଉଥିବା ବେଳେ ବୁଧବାର କୁଚିଣ୍ଡାରେ ପାରଦ ଉପର ମୁହାଁ ହୋଇ ୪୫ଡିଗ୍ରୀ ଉପରକୁ ପହଞ୍ଚିଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳ ୮ଟାରୁ ତାପମାତ୍ରା ବୃଦ୍ଧି ହୋଇ ପୂର୍ବାହ୍ନ ୧୧/୧୨ଟା ବେଳକୁ ୪୨/୪୩% ରହୁଥିବାରୁ ଲୋକେ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ସକାଳ ୯ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ପରିସ୍ଥିତି ଏହିଭଳି ଥିବାବେଳେ ସମଗ୍ର କୁଚିଣ୍ଡା ଉପଖଣ୍ଡରେ ପାନୀୟ ଜଳର ଘୋର ସଙ୍କଟ ଦେଖା ଦେଇଛି। ନଈ, ନାଳ,ବନ୍ଧ ପୋଖରୀ ସହ ଜଳ ଉତ୍ସ ଗୁଡିକରେ ଜଳସ୍ତର କମିଯିବାରୁ ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ପ୍ରାଣୀମାନେ ପାଣି ପାଇଁ ତହଲ ବିକଳ ହେଉଛନ୍ତି। ଗ୍ରାମାଞ୍ଚଳର ଅଧିକାଂଶ ନଳକୂପର ଜଳସ୍ତର କମିଯାଉଥିବାରୁ ଲୋକେ ପିଇବା ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ରାତିରେ ମଧ୍ୟ ଅସହ୍ୟ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଆଉ ସପ୍ତାହେ ଯଦି ଏଭଳି ପାଗ ରହେ ତେବେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇ ଜନଜୀବନକୁ କ୍ଷତି ପହଞ୍ଚାଇବ ବୋଲି ଆକଳନ କରାଯାଉଛି।

# ନାକଟୀଦେଉଳ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ

ନାକଟିଦେଉଳ,୨୯।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅଞ୍ଚଳରେ ବୁଧୁବାର ଦିନର ତାପମାତ୍ରା ସର୍ବାଧିକ ୪୪ ଡିଗ୍ରୀକୁ ଛୁଇଁଛି । ଅସହ୍ୟ ତାତି ଓ ଗୁଳୁଗୁଳିରେ ଲୋକେ ଛଟ ପଟ ହେଉଛନ୍ତି। ଘରେ ଲାଗିଥିବା କୁଲର ଏବଂ ପଙ୍ଖା ମଧ୍ୟ ଲୋକଙ୍କ ଦୁଃଖ ଦର୍ଦ୍ଦଶାକୁ ଲାଘବ କରି ପାରୁନାହିଁ । ପଶୁପକ୍ଷୀଙ୍କ ଅବସ୍ଥା ମଧ୍ୟ ସାଂଘାତିକ ହୋଇ ପଡିଣି। ପୂର୍ବାହ୍ନ ୭ଟାରୁ ଗରମ ଅନୁଭୂତ ହେଉଛି। ସମୟ ବଢିବା ସହ ତତଲା ପବନ ବହୁଛି। ଅତି ଆବଶ୍ୟକ ନ ହେଲେ ଲୋକେ ପୂର୍ବାହ୍ନ ୧୦ଟାରୁ ଆଉ ପଦାକୁ ବାହାରୁ ନାହାନ୍ତି । ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତା ଘାଟ ଶୂନଶାନ ହୋଇଯାଉଛି। ଅଞ୍ଚଳରେ ଜଙ୍ଗଲ ପୋଡି ଏବଂ କ୍ରମାଗତ ଭାବେ ଜଙ୍ଗଲ କ୍ଷୟ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହେଉଥିବା କୁହାଯାଉଛି । ଏସବୁ ଭିତରେ ଦିନ ମଜୁରି କରି ପରିବାର ପ୍ରତି ପୋଷଣ କରୁଥିବା ଶ୍ରମିକ ଶ୍ରେଣୀର ପରିବାର ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢି ଯାଇଛି। ଆଗକୁ ବର୍ଷା ନ ହେଲେ ତାପମାତ୍ରା ଆହୁରି ବଢ଼ିବାର ସମ୍ଭାବନା ରହିଛି ।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ୪୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ସମ୍ବଲପୁର,୨୯।୫(ବି.ଶଙ୍କର)

ହୀରକୁଦ ସ୍ଥିତ ହିଣ୍ଡାଲକୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ହିଣ୍ଡାଲକୋ କମ୍ୟୁନିଟି ସେଣ୍ଟରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ଗ୍ରାମାଞ୍ଚଳର ୪୦ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ସଚେତନ ଶୀର୍ଷକ ଏହି ପ୍ରତିଯୋଗିତାରେ ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସପ୍ତରଙ୍ଗର ମିଶ୍ରଣ ଓ ସୂକ୍ଷ୍ମ ତୂଳୀର ସ୍ୱର୍ଶରେ କାନଭାସ ଜୀବନ୍ତ ହୋଇ ଉଠିଥିଲା । ଛାତ୍ରୀଛାତ୍ରମାନେ ପରିବେଶକୁ ଚିତ୍ର ଆଙ୍କି ଆୟୋଜକଙ୍କୁ ଚକିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ପରିବେଶ ବିଭାଗର ବିଶ୍ୱଜିତ ପରିଡା ଏବଂ ପାରିପାର୍ଶିକ ଉନ୍ନୟନ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ । ଜୁନ ମାସରେ ହେବାକୁ ଥିବା ପରିବେଶ ଦିବସ କାର୍ଯ୍ୟକ୍ରମରେ କୃତୀମାନଙ୍କ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚିତ କରାଯାଇଛି।



ବିଶ୍ୱ ପରିବେଶ ଦିବସ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଯୋଗୀ ଓ ଆୟୋଜକ।

# ସମ୍ବଲପୁରର ପାରଦ ୪୫.୬ ଡିଗ୍ରୀ ଛୁଇଁଲା



ବ୍ୟସ୍ତ ବହୁଳ ଚାଉଁରପୁର ବ୍ରିଜ ଶୂନଶାନ।



ଶୂନଶାନ ସମ୍ବଲପୁର ସହର ରାସ୍ତାରେ ଜଣେ ସାଇକେଲ ଆରୋହୀ ।

ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ)

ପଶ୍ଚିମ ଓଡିଶାର ଅଧିକାଂଶ ଜିଲାରେ ବୁଧବାର ସର୍ବାଧିକ ତାପମାତ୍ରା ୪୪ରୁ ୪୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ପ୍ରବଳ ଉତ୍ତାପ ଏବଂ ଆର୍ଦ୍ରତା ମଧ୍ୟରେ ବିଦ୍ୟୁତ୍ କାଟ୍ ଲୋକଙ୍କୁ ଅସୁବିଧାରେ ପକାଇଥିଲା। ଆହୁରି ଦୁଇଦିନ ତାପମାତ୍ରା ଏହିପରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାରୁ ଲୋକେ ପ୍ରବଳ ତାତି ଓ ଗରମର ସାମନା କରିବା ନିଶ୍ଚିତ ହୋଇଛି।

ଗତ କିଛିଦିନ ହେବ ତାପମାତ କମ ରହିଥିଲା। ହେଲେ ଗତ ଦୁଇଦିନ ହେଲା ହଠାତ୍ ପାରିପାଗରେ ବରିବର୍ତ୍ତନ ଆସି ତାତି ଫେରିଛି। ସକାଳ ୬ଟାରୁ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରି ହେଉନାହିଁ। ସହରର ରାସ୍ତାଘାଟ ଶୂନଶାନ ହୋଇଯାଉଛି । ମଣିଷଙ୍କଠାରୁ ପଶୁପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରୀଷ୍ମତାପ ଯୋଗୁ ପ୍ରଭାବିତ ହୋଇଛନ୍ତି। ସମ୍ବଲପୁର ସହରରେ ରାସ୍ତା ସମ୍ପ୍ରସାରଣ ପାଇଁ ପୁରୁଣା ଗଛ ସବୁ କାଟିଦିଆଯାଇଥିବାରୁ ପଥାଚାରୀମାନେ ଛାଇ ପାଇ ପାରୁ ନାହାନ୍ତି। ପଦାକୁ ବାହାରୁଥିବା ଲୋକେ ମୁଣ୍ଡରେ ଗାମୁଛା ଏବଂ କଳା ଚଷମା ଲଗାଇ ଘରୁ ବାହାରୁଛନ୍ତି । ପ୍ରବଳ ଗରମରୁ ନିଜକୁ ରକ୍ଷା କରିବା ପାଇଁ ଲସି, ସରବତ, ଲେମ୍ବୁ ଏବଂ ଥଣ୍ଡା ପାନୀୟ ପିଉଛନ୍ତି । ଅନେକ ଅଞ୍ଚଳକୁ ଆବଶ୍ୟକ ପରିମାଣର ପାନୀୟ ଜଳ ପାଇପ ଯୋଗେ ପହଞ୍ଚି ପାରୁ ନ ଥିବାରୁ ଲୋକେ ବାଇକ ଆଦିରେ ଦୂରଦୂରାନ୍ତରୁ ପାନୀୟ ଜଳ ସଂଗ୍ରହ କରି ଘରକୁ ଆଣିବାକୁ ବାଧ ହେଉଛନ୍ତି । ଏସବୁ ଭିତରେ ସମ୍ବଲପୁରରେ ତୁହାକୁ ତୁହା ବିଦ୍ୟୁତ୍ କାଟ ଲୋକଙ୍କୁ ସନ୍ତୁଳି ପକାଉଛି। ଲୋକେ ନାଁ ଘର ଭିତରେ ରହି ପାରୁଛନ୍ତି ନାଁ ବାହାରକୁ ବାହାରି ପାରୁଛନ୍ତି।



ଜଣେ ବ୍ୟକ୍ତି ପାଣି ସଂଗ୍ରହ କରିବାକୁ ବାଇକରେ ଯାଉଛନ୍ତି।

**ବିଦ୍ୟୁତ୍ କାଟ ସହ ଅତ୍ୟଧିକ ଉତ୍ତାପ ହେତୁ ଲୋକେ ହନ୍ତସନ୍ତ**

## ସଂକ୍ଷେପରେ

## ନଥନିସିଲ ଜଙ୍ଗଲରୁ ମୃତଦେହ ଜବତ

**ନୂଆପଡ଼ା,୨୯।୫ (ମକାରୁ ବେମାଲ):** ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟ କୋମନା ଥାନା ନଥନିସିଲ ଜଙ୍ଗଲରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଅଭୟାରଣ୍ୟ ମାଓବାଦୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପୋଲିସ ଭୟରେ ପହଞ୍ଚି ନ ଥିଲା । ବୁଧବାର ସକାଳେ ପୋଲିସ ଉକ୍ତ ଜଙ୍ଗଲକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତକ ଯୁବକ ହେଲେ ସୋସେଙ୍ଗ ପଞ୍ଚାୟତ ଅଡାର ଗାଁ ପହରିଆପଡାର ଗୋପାଲ ପହରିଆ (୩୫)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡିଥିବାରୁ ଲୋକେ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ କୋମନା ଥାନା କେସ୍ ନଂ.୦୭/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ଥାନା ଅଧିକାରୀ ସୁମନ୍ତ ନାଏକ ସୂଚନା ଦେଇଛନ୍ତି।

## ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ରୁପ୍ରାରୋଡ,୨୯।୫(ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରିଆଁ ଗ୍ରାମରେ ବୁଧବାର ଏକ ବାଲ୍ୟବିବାହ ରୋକିବାରେ ପ୍ରଶାସନ ସଫଳ ହୋଇଛି। ସୂଚନା ଅନୁସାରେ ଗ୍ରାମର ଭଗବାନ ତାଣ୍ଡିଙ୍କ ୨୦ବର୍ଷର ପୁଅ ସହ ଗାଡେବନ୍ଧ ଗ୍ରାମ ପଞ୍ଚାୟତର ୧୬ବର୍ଷୀୟା ନାବାଳିକାଙ୍କ ବିବାହ ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ନର୍ଲା ବ୍ଲକ ସିଡିପିଓ ବିନୋଦିନୀ ପଣ୍ଡା, ନର୍ଲା ଭାରପ୍ରାପ୍ତ ଥାନା ଅଧିକାରିଣୀ ମମତା ପାଣିଗ୍ରାହୀ ଓ ଜିଲା ସିଡବ୍ଲ୍ୟୁସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପୁଅ ଓ ଝିଅ ଘର ଲୋକଙ୍କୁ ବୁଝାଶୁଝା କରି ବିବାହ ସ୍ଥଗିତ କରିଥିଲେ। ଧାର୍ଯ୍ୟ ବୟସ ସୀମା ପର୍ଯ୍ୟନ୍ତ ବିବାହକୁ ସ୍ଥଗିତ ରଖିବା ପାଇଁ ଉଭୟ ପକ୍ଷ ପୃଥକ୍ ସତ୍ୟପାଠ ଦାଖଲ କରିଥିଲେ। ପ୍ରଶାସନର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ଟ୍ରକ୍ ଧକ୍କାରେ ମୃତ ଯବାନଙ୍କ ପରିବାରକୁ ସହାୟତା



**ନୂଆପଡ଼ା,୨୯।୫ (ମକାରୁ ବେମାଲ):** ନୂଆପଡା ଜିଲା ବୋଡେନ ଥାନା ରୋକାଲ ପଞ୍ଚାୟତ କ୍ଷିରମାଳ ଗାଁର ମୃତ ସିଆର୍‌ପିଏଫ୍ ଯବାନ ଚୈତନ୍ୟ ଶବରଙ୍କ ଦଶାହ କାର୍ଯ୍ୟରେ ଯୋଗଦେଇ ଡିଫେନ୍ସ ବିଭାଗ ପକ୍ଷରୁ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଯବାନ ଏକତ୍ରିତ ହୋଇ ମୃତ ଯବାନଙ୍କ ପରିବାରକୁ ନଗଦ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିବା ସହ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ସୂଚନା ଅନୁଯାୟୀ ଚୈତନ୍ୟ କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଦାଥୁନାମା ସିଆର୍‌ପିଏଫ୍ କ୍ୟାମ୍ପରେ କାର୍ଯ୍ୟରତ ଥିଲେ । ଗତ ୧୯ ତାରିଖରେ ସେ କୌଣସି କାମରେ କୋମନା ଆସି ବାଇକ୍‌ରେ କ୍ୟାମ୍ପକୁ ଫେରୁଥିବା ସମୟରେ ଅଗ୍ନିଶମ କାର୍ଯ୍ୟାଳୟ ନିକଟ ଜାତୀୟ ରାଜପଥ ଉପରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସହାୟତା ରାଶି ପ୍ରଦାନ ସମୟରେ ଭଜନ ଶବର, କିରଣ ସିଂ ମାଝି, ପିତାମ୍ବର ବାଗ, ରାଜୁ କୁମାର ବେହେରା, ବେଣୁଧର ଶବର, ଲକ୍ଷ୍ମୀ ନାରାୟଣ ମାଝି, ସଞ୍ଜୟ ଯଦୁବଂଶୀ, ମୋହିତ ଶବର, ପୁରୁଷୋତ୍ତମ କୈବର୍ତ୍ତ, ରୋହିତ କୁମାର ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଥର ଗତିରେ ଚାଲିଛି ବାଇପାସ୍ ରାସ୍ତା ନିର୍ମାଣ

**ଭବାନୀପାଟଣା,୨୯।୫(ଉତ୍ତମ କୁମାର ଦାଶ)**

- ବଢୁଛି ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣା ନେଉଛି ଜୀବନ
- ସକାଳ ୬ରୁ ରାତି ୧୧ଟା ଭାରିଯାନ ପ୍ରବେଶ ନିଷେଧ ଦାବି



ନିର୍ମାଣାଧୀନ ବାଇପାସ୍ ରାସ୍ତା।

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ସହର ଦେଇ ୨୬ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ମାଲବାହୀ ଭାରିଯାନ ଯାତାୟାତ ସମସ୍ୟାକୁ ଆହୁରି ଜଟିଳ କରୁଛି। ଏଥିଯୋଗୁ ଛୋଟବଡ଼ ଦୁର୍ଘଟଣା ଲାଗିରହିଛି। ଏଥିରେ ଜୀବନ ଯିବାର ନଜିର ରହିଛି। ଗତ ୨୦ତାରିଖରେ ସ୍ଥାନୀୟ ଏମ୍‌ଏସ୍‌ଏ ଛକରେ ଜଣେ ମହିଳାଙ୍କ ହାଇୱା ଧକ୍କାରେ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ପରେ ପୁଣି ଥରେ ଭବାନୀପାଟଣା ବାଇପାସ୍ ନିର୍ମାଣ ପ୍ରସଙ୍ଗ ଆଲୋଚନାର ବିଷୟ ହୋଇଛି। ବାଇପାସ୍ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ଜିଲା ପୂର୍ତ୍ତ ବିଭାଗ ଅଧୀନରେ ଠିକାସଂସ୍ଥା ନିୟୋଜିତ କରାଯାଇ ୨୦୨୧ ଡିସେମ୍ବର ୨୪ରେ କାମ ଆରମ୍ଭ ହୋଇଥିଲା। ମାତ୍ର ନିୟୋଜିତ ଠିକାଦାର ନିର୍ମାଣ କାମ ଅଧାପନ୍ତରିଆ କରି ଛାଡ଼ି ଚାଲିଯିବା ପରେ ପୁନଃ ଅନ୍ୟ ଏକ ସଂସ୍ଥାକୁ ନିୟୋଜିତ କରାଯାଇଛି। ଇତିମଧ୍ୟରେ ୬ମାସ ହେବାକୁ ଯାଉଛି। କାମ ମନ୍ଥର ଗତିରେ ଚାଲୁଥିବାରୁ ପୁଣିଥରେ ଅନିଶ୍ଚିତତା ସୃଷ୍ଟି ହୋଇଛି।

ସୂଚନା ଅନୁସାରେ କଳାହାଣ୍ଡି ପୂର୍ତ୍ତ ବିଭାଗ ଅଧୀନରେ ଭବାନୀପାଟଣା ବାଇପାସ୍ ରୋଡ଼ ନିର୍ମାଣ ପାଇଁ ୩୩କୋଟି ୧୨ଲକ୍ଷ ଟଙ୍କାର ଅଟକଳ ହୋଇଥିଲା। ସି.ପି. ଆରୋରା ନାମକ ଦିଲ୍ଲୀର ଏକ ଠିକା ସଂସ୍ଥା ଏହି କାମ କରୁଥିଲା। ୨୩ ଡିସେମ୍ବର ୨୦୨୨ ସୁଦ୍ଧା ୬ କିଲୋମିଟର ୨୪୦ ମିଟର ରାସ୍ତା ନିର୍ମାଣ ଶେଷ କରିବାକୁ ଚୁକ୍ତି ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ହେଲା ନାହିଁ। ମାତ୍ର ୪୨ ପ୍ରତିଶତ କାର୍ଯ୍ୟ କରି ଠିକା ସଂସ୍ଥା ଛାଡିଦେଲା। ଉକ୍ତ ସଂସ୍ଥା ପ୍ରାୟ ୧୨କୋଟି ୭୫ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଥିବା କୁହାଯାଇଛି। କେବଳ ସେତିକି ନୁହେଁ ଠିକା ସଂସ୍ଥା କୋର୍ଟର ଆଶ୍ରୟ ନେଇଥିବା ଜଣାଯାଇଛି। ବର୍ତ୍ତମାନ ଠିକା ସଂସ୍ଥା ଅଧାରୁ କାମ ଛାଡିବା ଯୋଗୁ ଖର୍ଚ୍ଚ ଅଟକଳର ୨୦ ପ୍ରତିଶତ ଜରିମାନା ଆଦାୟ କରିବା ନିଷ୍ପତ୍ତି ସହିତ ପୂର୍ତ୍ତ ବିଭାଗ ପୁନର୍ବାର ଟେଣ୍ଡର ଆହ୍ୱାନ କରି ଆଉ ଏକ ସଂସ୍ଥାକୁ ନିୟୋଜିତ କରିଛି। ତେବେ ବଳକା କାମ ପାଇଁ ପରିବର୍ତ୍ତିତ ଅଟକଳ ଅନୁସାରେ ୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ ଆଗକୁ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବାଇପାସ ରୋଡ୍‌ଟି କେସିଙ୍ଗା ଲେବଲ୍ କ୍ରସିଂଠାରୁ ଆରମ୍ଭ ହୋଇ ରିସିଗାଁ ପର୍ଯ୍ୟନ୍ତ ଲମ୍ବିଛି। ବର୍ତ୍ତମାନ ନୂତନ ଟେଣ୍ଡର ପରେ ପୁନର୍ବାର ରାସ୍ତା କାମ ଆରମ୍ଭ ହୋଇଛି। ତେବେ କାମ ମନ୍ଥର ଗତିରେ ଚାଲିଛି। ବାଇପାସ୍ ରାସ୍ତା ତିଆରି ହୋଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ପରେ ସହରବାସୀ ସକାଳ ୬ଟାରୁ ରାତି ୧୧ଟା ମଧ୍ୟରେ ସହର ଭିତରକୁ ଭାରିଯାନ ପ୍ରବେଶ ଉପରେ ନିଷେଧାଜ୍ଞା ଜାରି କରିବାକୁ ଦାବି କରିଛନ୍ତି। ଅର୍ଥାତ୍ ରାତି ୧୧ଟାରୁ ସକାଳ ୬ଟା ମଧ୍ୟରେ ଭାରିଯାନ ସହର ମଧ୍ୟଦେଇ ଯିବା ଆସିବା କରିବାକୁ ଲୋକେ ଦାବି କରୁଛନ୍ତି। ସହରରେ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଏଡାଇବା ପାଇଁ ଜିଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଗତ ୨୦ତାରିଖରେ ଜିଲାସ୍ତରୀୟ ବୈଠକ ବସିଥିଲା। ଉକ୍ତ ବୈଠକରେ ଭିରୀଯାନ ସମ୍ପର୍କିତ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ପ୍ରସଙ୍ଗ ଉଠିବା ପରେ କମିଟି ଅଧ୍ୟକ୍ଷ ତଥା ଜିଲାପାଳ ପି ଅନ୍ୱେଷା ରେଡ୍ଡୀ ପୂର୍ତ୍ତ ବିଭାଗକୁ ବାଇପାସ ନିର୍ମାଣ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଥିଲେ। ମାତ୍ର ଗତ ୨୦ତାରିଖରେ ହୋଇଥିବା ଦୁର୍ଘଟଣା ପରେ ମଧ୍ୟ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇ ନାହିଁ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚାରିଚକିଆ ଗାଡିଗୁଡିକର ହାଲୋଜେନ୍ ଲାଇଟ୍ ଏବଂ କ୍ଷିପ୍ରତା ଉପରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏଭଳି ଦୁର୍ଘଟଣା ବୃଦ୍ଧି ପାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ଭୋଟ ଗଣତି ପାଇଁ ତାଲିମ



ଭୋଟ ଗଣତି ତାଲିମ କାର୍ଯ୍ୟକ୍ରମରେ ଅଧିକାରୀମାନେ।

**ଭବାନୀପାଟଣା,୨୯।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଲୋକ ସଭା ଓ ୫ ବିଧାନସଭା ପାଇଁ ଆସନ୍ତା ଜୁନ୍ ୪ରେ ଭୋଟ ଗଣତି ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲାରେ ଭୋଟ ଗଣତି ୨ଟି ସ୍ଥାନରେ ହେବ। ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଭବାନୀପାଟଣା, ଲାଞ୍ଜିଗଡ ଓ ନର୍ଲା ବିଧାନସଭା ପାଇଁ ଭୋଟ ଗଣତି ହେବ। ସେହିପରି ଧର୍ମଗଡ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟଠାରେ ଜୁନାଗଡ ଓ ଧର୍ମଗଡ ବିଧାନସଭା ପାଇଁ ଭୋଟ ଗଣତି ହେବ। ଏହି ପରିପ୍ରେକ୍ଷୀରେ ବୁଧବାର ଭବାନୀପାଟଣା ଓ ଧର୍ମଗଡରେ ଭୋଟ ଗଣତି ପରିଚାଳନା ପାଇଁ ମାଇକ୍ରୋ ଅବଜର୍ଭର, କାଉଣ୍ଟିଂ ସୁପରଭାଇଜର ଓ କାଉଣ୍ଟିଂ ଆସିଷ୍ଟାଣ୍ଟଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରୁ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଜିଲାର ଭବାନୀପାଟଣା, ଧର୍ମଗଡ, ଲାଞ୍ଜିଗଡ ଓ ନର୍ଲା ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ କାଉଣ୍ଟି ହଲ ଓ ପ୍ରତି ହଲରେ ୧୪ଟି ଇଭିଏମ୍ ଟେବୁଲ ରହିବ। ସେହିପରି ଜୁନାଗଡ ନିର୍ବାଚନ ମଣ୍ଡଳୀ ପାଇଁ ୧୨ଟି ଇଭିଏମ୍ ଟେବୁଲ ରହିବ ବୋଲି ଜଣାପଡିଛି। ଜିଲାର ୫ ନିର୍ବାଚନମଣ୍ଡଳୀ ପାଇଁ ୧୩୬ଟି ଇଭିଏମ୍ ଟେବୁଲ ଓ ୪୮ଟି ପୋଷ୍ଟାଲ ବାଲାଟ୍ ଟେବୁଲ କରାଯାଇଛି। ସମୁଦାୟ ପ୍ରାୟ ୨୨ ରାଉଣ୍ଡ ଭୋଟ ଗଣତି ହେବ। ହୋମ ଭୋଟିଂ ଓ ପୋଷ୍ଟାଲ ବାଲାଟ୍ ସରିବା ପରେ ଇଭିଏମ୍ ଭୋଟ ଗଣତି ହେବ।



ଖଡ଼ିଆଳ ପୋଲିସ ପକ୍ଷରୁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ଖଡ଼ିଆଳ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**ଖଡ଼ିଆଳ,୨୯।୫ (ସୁଜିତ କୁମାର ପ୍ରଧାନ)**

ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ସହରରେ ଶାନ୍ତଶୃଙ୍ଖଳା ବଜାୟ ରଖିବା ନେଇ ବୁଧବାର ନୂଆପଡ଼ା ଜିଲା ଖଡ଼ିଆଳ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନେତୃତ୍ୱରେ ଏସ୍‌ଆଇ ରାଜେଶ ଅଗସ୍ତି, କ୍ଷୀରୋଦ ବାଗ, ପ୍ରତିଭା ପାଢ଼ୀ, ଏଏସ୍‌ଆଇ ଧନେଶ୍ୱର ମାଝି, ଦେବାର୍ଚ୍ଚନ ମାଝି, କାଶୀ ପାଟଯୋଶୀଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଫ୍ଲାଗ୍ ମାର୍ଚ୍ଚ ଖଡ଼ିଆଳ ସହରର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ପଡା ବୁଲି ସଚେତନତା ସୃଷ୍ଟି କରିଥିଲା।

## ଶାଗୁଆନ କାଠ ଜବତ, ୨ ଗିରଫ



**ନୂଆପଡ଼ା,୨୯।୫ (ମକାରୁ ବେମାଲ):** ନୂଆପଡ଼ା ବନ ବିଭାଗ ବୁଧବାର ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ କରିବା ସହ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ପଗାରପାଣି ଗାଁର ନୃତ ତାଣ୍ଡି (୬୫) ଓ କୃତ ତାଣ୍ଡି (୬୨)। ସୂଚନା ମୁତାବକ ସଦର ବ୍ଲକ ପଗାରପାଣି ଗାଁରେ ଶାଗୁଆନ କାଠ କିଣାବିକା ହେଉଥିବା ଅଭିଯୋଗ ହୋଇଆସୁଥିଲା । ନୂଆପଡା ବନ ବିଭାଗ ରେଞ୍ଜର ସୁନୀଲ କୁମାର ମିଶ୍ର ସୂତ୍ରରୁ ଖବର ପାଇ ଟିମ୍ ସହ ଗାଁରେ ଚଢାଉ କରିଥିଲେ। ଏହି ସମୟରେ ଘର ଭିତରେ ଓ ବାହାରେ ପଡିଥିବା ଶାଗୁଆନ କାଠଗଣ୍ଡି, ପଟ୍ଟା ଆଦି ଜବତ କରିଥିଲେ। ଏମାନେ ଶାଗୁଆନ କାଠରେ ବିଭିନ୍ନ ସାମଗ୍ରୀ ତିଆରି କରି ଜିଲା ତଥା ଜିଲା ବାହାରକୁ ନେଇ ବିକ୍ରୟ କରୁଥିଲେ । ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଚଢାଉରେ ଫରେଷ୍ଟର ଖଗରଶ୍ୱର ମାଝି, ଟିକେଶ୍ୱର ଶବର, ହିମାଦ୍ରୀ ସରାଫ, ପରମାନନ୍ଦ ତାଣ୍ଡି, ଘନଶ୍ୟାମ ଶବର, ସସ୍ମିତା ବାଗ, ଧନଞ୍ଜୟ ନିଆଲ ସାମିଲ ଥିଲେ।

## ଜବରଦଖଲ ଯୋଗୁ ଡ୍ରେନ୍ ସଫେଇ ବାଧାପ୍ରାପ୍ତ

**କୋକସରା,୨୯।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**



ପୋତି ହୋଇଥିବା ଡ୍ରେନ୍।

ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଗ୍ରାମ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା ପାଇଁ ପ୍ରତି ପଞ୍ଚାୟତ ପକ୍ଷରୁ ଗ୍ରାମରେ ଥିବା ଡ୍ରେନ୍‌ର ମଇଳା ଆବର୍ଜନା ସଫା କରିବା ପ୍ରାଥମିକତା ରହିଥାଏ। ତେବେ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମ ପଞ୍ଚାୟତ କୋକସରା ସଦର ମହକୁମା ବ୍ଲକ ମୁଖ୍ୟାଳୟ ହୋଇଥିବା ବେଳେ ଅନେକ ଦୋକାନବଜାର ସହ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ଜାତୀୟ ରାଜପଥ ୨୬ କୋକସରା ଦେଇ ଯାଇଥିବା ବେଳେ ରାସ୍ତାର ଦୁଇ କଡରେ ଅନେକ ଦୋକାନବଜାର ଗଢିଉଠିଛି। ତେବେ ଅନେକ ସ୍ଥାନରେ କିଛି ଉଠା ଦୋକାନ ମାଲିକ ଡ୍ରେନ୍‌କୁ ଜବରଦଖଲ କରି ଦୋକାନ ଖୋଲିଥିବାରୁ ଡ୍ରେନ ପୋତିହୋଇ ରହିଛି। ଫଳରେ ଅଳ୍ପ ବର୍ଷା ହେଲେ ଡ୍ରେନ୍‌ରୁ ମଇଳା ଆବର୍ଜନା ପାଣି ନିଷ୍କାସନ ହୋଇ ନ ପାରି ମୁଖ୍ୟ ରାସ୍ତାରେ ଲହଡି ମାରୁଛି। ବର୍ଷା ଦିନ ଆସିବା ପୂର୍ବରୁ ଯଦି ଡ୍ରେନର ପୁନରୁଦ୍ଧାର ନ ହୁଏ ତା'ହେଲେ ପରିମଳ ବ୍ୟବସ୍ଥା ଅସମ୍ଭାଳ ହୋଇପଡିବା ଆଶଙ୍କା ରହିଛି। କେତେଜଣ ବ୍ୟକ୍ତି ଡ୍ରେନ ଉପରେ ଦୋକାନ ଘର କରି ଭଡାରେ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମ ପଞ୍ଚାୟତ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କିଛି ମୁନାଫାଖୋର ଲୋକ ନିଜର ସ୍ୱାର୍ଥ ହାସଲ କରିଚାଲିଛନ୍ତି। ଏ ସମ୍ପର୍କରେ କୋକସରା ଗ୍ରାମ ପଞ୍ଚାୟତ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ ପକ୍ଷରୁ ଡ୍ରେନ୍ ଜବରଦଖଲ କରି ରଖିଥିବା ଲୋକଙ୍କୁ ନୋଟିସ କରାଯିବ, ଯଦି ସେମାନେ ଜବରଦଖଲ ଉଚ୍ଛେଦରେ ସହଯୋଗ ନ କରନ୍ତି ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ସୁନାବେଡ଼ା ଅଭୟାରଣ୍ୟରେ ପୁଣି ଏକ ମୃତଦେହ ଠାବ

**ନୂଆପଡ଼ା,୨୯।୫ (ମକାରୁ ବେମାଲ)**

ନଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଭିତରୁ ବୁଧବାର ଆଉଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। କୋମନା ଥାନା ସୋସେଙ୍ଗ ପଞ୍ଚାୟତ ତାଳାବେଳା ଗାଁ ଗିରିବାମନ ପାହାଡ ତଳେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ମୃତ୍ୟୁର କାରଣ ଜଣାପଡି ନାହିଁ। ଏହାକୁ ମିଶାଇ ତିନିଦିନରେ ଅଭୟାରଣ୍ୟରୁ ୩ଜଣଙ୍କ ମୃତଦେହ ଠାବ ହୋଇଛି। ଏ ସଂକ୍ରାନ୍ତରେ କୋମନା ଥାନା ଅଧିକାରୀ ସୁମନ୍ତ କୁମାର ନାଏକଙ୍କୁ ପଚାରିବାରୁ ଆମ ପାଖକୁ ଖବର ଆସିଛି, ମୃତଦେହ ମଧ୍ୟ ଠାବ ହୋଇଛି। ସନ୍ଧ୍ୟା ହୋଇଯିବାରୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରି ଅଧିକ ତଦନ୍ତ କରାଯିବ ବୋଲି କହିଥିଲେ।

## ରାସ୍ତାରୁ ହଟାଗଲା ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ



**କୋକସରା,୨୯।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

ଦୀର୍ଘ ୨ମାସ ତଳେ କାଳବୈଶାଖୀ ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଆର୍‌ଆଇ ଅଫିସ ଦେଇ ସିର୍ଲିଗୁଡା ରାସ୍ତାକୁ ସଂଯୋଗ କରୁଥିବା ପଡ଼ା ରାସ୍ତାରେ ଏକ ବିଦ୍ୟୁତ୍ ଖୁଣ୍ଟ ସହ ଗଛ ଭାଙ୍ଗି ରାସ୍ତା ଅବରୋଧ କରିଥିଲା। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପଡ଼ା ଲୋକମାନେ ଏ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଧରିତ୍ରୀରେ ଖବର ପ୍ରକାଶିତ ପରେ ବୁଧବାର ବିଭାଗୀୟ କର୍ମଚାରୀଙ୍କ ଚେତା ପଶିଛି। ଗଛ କାଟି ସଫା କରିବା ସହ ଭାଙ୍ଗିଥିବା ବିଦ୍ୟୁତ୍ ଖୁଣ୍ଟ ହଟାଇ ନୂତନ ଖୁଣ୍ଟ ପୋତିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ସ୍ୱାଭାବିକ ହୋଇଛି। ଏଥିପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଡ଼ାବାସୀ ଧନ୍ୟବାଦ ଜଣାଇଛନ୍ତି।

## ଭାଗବତ ଓ ସଂକୀର୍ତ୍ତନ ସଂଘର ଭେଟ୍‌ଘାଟ

**ଭବାନୀପାଟଣା,୨୯।୫ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ସଦର ବ୍ଲକ ବୋର୍ଡାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ବ୍ଲକର ସମସ୍ତ ଭାଗବତ ଓ ସଂକୀର୍ତ୍ତନ ସଂଘର ଭେଟ୍‌ଘାଟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଲାଙ୍ଗୀର ସଂକୀର୍ତ୍ତନ କଳା ସଂସ୍କୃତି ସଂଘ ଜିଲା ସଭାପତି ଜିତେନ୍ଦ୍ର କୁମାର ତ୍ରିପାଠୀ ମୁଖ୍ୟଅତିଥି ଓ ଟିଟିଲାଗଡ଼ ବ୍ଲକ ସଭାପତି ପ୍ରଭଞ୍ଜନ ମାଝି, କେସିଙ୍ଗା ବ୍ଲକ ସଭାପତି ଜଗଦୀଶ ରଣା, ଗୋଲାମୁଣ୍ଡା ବ୍ଲକ ସଭାପତି ବୁଲୁ ଧଙ୍ଗଡାମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳାହାଣ୍ଡି ଜିଲା ସଂଗଠକ ରୁଦ୍ର ପ୍ରସାଦ ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ମେଦିନୀପୁର ପଞ୍ଚାୟତ ସଭାପତି ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା।

## ଭାଲୁଡୁଙ୍ଗରି ଗ୍ରାମରେ ପାନୀୟଜଳ ସମସ୍ୟା

**ଖଡ଼ିଆଳ,୨୯।୫ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦାବ୍ରି ଗ୍ରାମ ପଞ୍ଚାୟତର ଭାଲୁଡୁଙ୍ଗରି ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ବି ୭ଦିନ ଧରି ପାଣି ଆସୁନି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।

ଗ୍ରାମରେ ଦୁଇଶହ ପରିବାର ଥିବାବେଳେ ଦୁଇଟି ନଳକୂପ ରହିଛି। ତହିଁରୁ ଗୋଟିଏ ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାବେଳେ ଅନ୍ୟ ଗୋଟିଏ ନଳକୂପ ଉପରେ ଏବେ ଗ୍ରାମବାସୀ ନିର୍ଭର କରୁଛନ୍ତି। ହେଲେ ଏହି ନଳକୂପରୁ କମ୍ ପାଣି ବାହାରୁଛି। ଫଳରେ ଗାଁର ମହିଳାମାନେ ରାତି ଅଧରୁ ପାଣି ପାଇଁ ଜଗି ରହୁଛନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ଲୋକେ କହୁଛନ୍ତି। ପାଣି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗାଁ ଗାଁରେ ବସୁଧା ଯୋଜନାରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ଗ୍ରାମରେ ପାଣି ପହଞ୍ଚି ପାରୁନି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମ୍ବିକା ମାଝିଙ୍କୁ ପଚାରିବାରୁ ଅତିଶୀଘ୍ର ଉକ୍ତ ଗ୍ରାମକୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବ, ନ ହେଲେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପାଣି ପାଇଁ ନଳକୂଅ ନିକଟରେ ଜଗିରହିଛନ୍ତି ମହିଳା।

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇ ଘରକୁ ଫେରୁଥିବାବେଳେ ଯୁବକ ନିଖୋଜ

**ବିଶ୍ରା, ୨୯।୫(ବଟକୃଷ୍ଣ ସ୍ୱାଇଁ):** ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ଜାରେଇକେଲା ଥାନା ଅନ୍ତର୍ଗତ ସାଙ୍ଗଯୋଡି ସ୍ଥିତ ରାଇବେଡା ଗ୍ରାମର ଚୁକୁ ଧନୁୟାରଙ୍କ ପୁଅ କୁସୁ ଧନୁୟାର (୨୩) ଗୁଜୁରାଟର ସୁରତକୁ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଛନ୍ତି। ସେ ସୁରତରେ ଦାଦନ ଖଟୁଥିଲେ। ଗତ ୧୬ ତାରିଖରେ ସୁରତର ଶିବାଜୀ ଷ୍ଟେସନରୁ ଟ୍ରେନ ଯୋଗେ ରାଉରକେଲାକୁ ଆସୁଥିଲେ। ଝାରସୁଗୁଡ଼ା ଷ୍ଟେଶନରେ ଓହ୍ଲାଇଥିଲେ। ତାଙ୍କ ସାଙ୍ଗରେ ଉକ୍ତ ଗ୍ରାମର ଗର୍ବରେଲ କାନ୍ଦୁଲନା ଥିଲେ। ରାଉରକେଲାରେ ପହଞ୍ଚିବା ପରେ କୁସୁ ନ ଥିବା ଜାଣିବାକୁ ପାଇ ଗ୍ରାମରେ କହିଥିଲେ। କୁସୁର ବାପା ଚୁକୁ ବୁଧବାର ଜାରେଇକେଲା ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଓଡ଼ିଶାର ବିଶ୍ରା ଥାନାରେ ଲିଖିତ ଭାବେ ଦେଇଛନ୍ତି। କିପରି ପୁଅକୁ ପାଇବେ ଚିନ୍ତାରେ ଅଛନ୍ତି। ପୁଅର ଫୋନ ବନ୍ଦ ଥିବାରୁ ସେ ଫୋନ ନମ୍ବର ୭୬୫୩୮୮୪୩୭ ଓ ୮୮୪୯୫୯୫୫୦୨କୁ ଜଣାଇବାକୁ ଅନୁରୋଧ କରିଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ରାଜଗାଙ୍ଗପୁର, ୨୯।୫(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରାଜ୍ୟ ରାଜପଥ ନଂ. ୧୦ ତଥା ରାଣିବନ୍ଧରେ ଥିବା ବିଦେଶୀ ମଦ ଦୋକାନର ଅନତି ଦୂର ପଛପଟେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରଜତ ପାଲ(୪୫)। ତାଙ୍କ ଘର ବିହାର ଅଞ୍ଚଳରେ। ରାଜଗାଙ୍ଗପୁର ପୋଲିସ ବୁଧବାର ସକାଳ ୮ଟାରେ ମୃତଦେହ ଜବତ କରି ସରକାରୀ ଚିକିତ୍ସାଳୟକୁ ପଠାଇଥିଲା। ତାଙ୍କ ପାଟିରୁ ରକ୍ତ ବାହାରୁଥିଲା। ମଙ୍ଗଳବାରଠାରୁ ସେଠାରେ ମୃତ୍ୟୁବରଣ କରିଥିବା ପୋଲିସ ଅନୁମାନ କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ରାଉରକେଲାର ବିଶ୍ରା ଛକରେ ମିଳିତ ଟ୍ରେଡ୍ ୟୁନିୟନ କର୍ମକର୍ତ୍ତା ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମିଳିତ ଟ୍ରେଡ୍ ୟୁନିୟନର ବିକ୍ଷୋଭ

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**

- ମେ ୩୦ରେ ଏନ୍‌ଜେସିଏସ୍ ବୈଠକ
- ୩୯ମାସର ଏରିଅର ପ୍ରଦାନ ଚୁକ୍ତିନାମା ଦାବି

ଗୁରୁବାର ମେ ୩୦ରେ ଦିଲ୍ଲୀଠାରେ ଏନ୍‌ଜେସିଏସ୍ (ନ୍ୟାଶନାଲ ଜଏଣ୍ଟ କମିଟି ଅନ୍ ଷ୍ଟିଲ୍) ସବ୍‌କମିଟି ବୈଠକ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଶ୍ରାଛକଠାରେ ମିଳିତ ଟ୍ରେଡ ୟୁନିୟନ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଆର୍‌ଏସ୍‌ଏସର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଆଇଏମ୍‌ଏସ୍‌ର ସଭାପତି ଶଶଧର ନାୟକ, ଜିଏମ୍‌ଏମ୍‌ର ସାଧାରଣ ସମ୍ପାଦକ ଗୋପାଳ ଦାସ, ଏଆଇଟିୟୁସିର ନୀଳମାଧବ ସାହୁ, ଆର୍‌ଡବ୍ଲ୍ୟୁୟୁରୁ ଅଜିତ ନାୟକ, ଆର୍‌ଆଇକେଏସ୍‌ର ରମେଶ ସାହୁ, ସିଅରର ହେମନ୍ତ ବେହୁରିଆଙ୍କ ନେତୃତ୍ୱରେ ମିଳିତ ବିକ୍ଷୋଭ କରାଯାଇଥିଲା। ଏହି ଅବସରରେ ନେତୃମଣ୍ଡଳୀ ପକ୍ଷରୁ କୁହାଯାଇଥିଲା, କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ପ୍ରଥମଥର ପାଇଁ ଏନ୍‌ଜେସିଏସ୍ ଇତିହାସରେ ୭ବର୍ଷ ୫ମାସ ପରେ ମଧ୍ୟ ଚୁକ୍ତିନାମା ହୋଇପାରିଲା ନାହିଁ ବୋଲି ସ୍ଲୋଗାନ୍ ଦିଆଯାଇଥିଲା। ଏହି ବିକ୍ଷୋଭରେ ଆର୍‌ଏସ୍‌ଏସ୍‌ର ନିହାର ଦାସ, ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ରଘୁନାଥ ଭୂକ୍ତା, ପ୍ରତାପ ପଣ୍ଡା, ସୌମ୍ୟକାନ୍ତ ଧଳ, ଆଇଏମ୍‌ଏସ୍‌ର ଅସିତ ଦାସ, କଳାକାର ସାହୁ, ସିଦ୍ଧେଶ୍ୱର ଧଳ, ଶରତ ଜେନା, ସିଆଇଟିୟୁର ବସନ୍ତ ନାୟକ, ବିମାନ ମାଇତି, ଲକ୍ଷ୍ମୀଧର ନାୟକ, ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଦୀପ ସେଠୀ, ଅଜୟ ଶର୍ମା, ଏଆଇଟିୟୁସିର କୈଳାସ ନାୟକ, ଅକ୍ଷୟ ପଣ୍ଡା, ଆରଡବ୍ଲ୍ୟୁୟୁର ଶ୍ରୀନିବାସ ସେଠୀ, ସୁଭାଷ ଦଣ୍ଡପାଟ୍, ବିରେନ ନାୟକ, ମାର୍କଣ୍ଡ ଦାଶ, ଆରଆଇକେଏସ୍‌ର ବିନୋଦ ତ୍ରିପାଠୀ, ବସନ୍ତ ସାମଲ, ରାଜ ସାହୁ, ଜିଏମ୍‌ଏମ୍‌ର ଇନ୍ଦ୍ରମଣୀ ମହାନ୍ତି, ଥୋମାସ ଟପ୍ପୋ, ରାଜୁ ବଡାଇକ, ବିଷ୍ଣୁଚରଣ ମହାନ୍ତି ରାଜୁ ବାରିକ ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୩୯ ମାସର ଏରିଅର ପ୍ରଦାନ କର ଓ ୧ଟି ଅତିରିକ୍ତ ଇନ୍‌କ୍ରିମେଣ୍ଟ ପ୍ରଦାନ, ଏସ୍ ୧୨ ଓ ୧୩ କାର୍ଯ୍ୟକାରୀ ହେବା, ଗ୍ରାଚ୍ୟୁଟି ସିଲିଂ ପ୍ରତ୍ୟାହାର, ଠିକାଶ୍ରମିକଙ୍କ ଦରମାରେ ବୃଦ୍ଧି ଏନ୍‌ଜେସିଏସରେ ଚୁକ୍ତିନାମା କର, ରାତ୍ରକାଳୀନ ଭତ୍ତା, ଘରଭଡା ଭତ୍ତା, ମାଇନସର ଦାସା ଇତ୍ୟାଦିର ବୃଦ୍ଧି, ସେଲ୍ ଓ ଆର୍‌ଆଇଏନ୍‌ଏଲ୍‌ର ଘରୋଇକରଣ ବନ୍ଦ ଇତ୍ୟାଦି ପ୍ରମୁଖ ଦାବି ସହ ତୁରନ୍ତ ଏନଜେସିଏସ ଚୁକ୍ତିନାମା ସମାପ୍ତ ନ କଲେ ଇସ୍ପାତ ଶ୍ରମିକ ବିଶାଳ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଥିଲା। ଏହି ବିକ୍ଷୋଭକୁ ଆରଏସ୍‌ଏସର ବିକାଶ ବେହୁରିଆ, ଦୁର୍ଗା ଜେନା, ବିନୋଦ ତନ୍ତୀ, ସୁରେଶ କିଷାନ, ଏସ.କେ ମଣ୍ଡଳ, କେ.ସି ସେଠୀ, ଅଖିଳ ପୃଷ୍ଟି, ରୁଦ୍ର ବେହେରା, ଆରଏମ୍‌ଏସ୍‌ର ଅଜୟ ଦାସ, ସୁରେଶ ପଟ୍ଟନାୟକ, ପ୍ରଦୀପ ଦାସ, କୃପାନନ୍ଦ ନାୟକ, ବିଦେଶୀ ମୁନି, କୁଳମଣୀ ରାୟ, ସିଆଇଟିୟୁର ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡା, ସଞ୍ଜୟ ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝି, ଶିବରାମ ବେହେରା, ସଂଗ୍ରାମ ସାମଲ, ଦେବାଶିଷ ଜେନା, ଆରପି ବେହେରା, ଅକ୍ଷୟ ରାଉତ, ଅଲୋକ ନାୟକ, ବିଶ୍ୱଜିତ ରାଉତରାୟ, ମନୋରଞ୍ଜନ ବେହେରା, କେ. ସି ଆଚାର୍ଯ୍ୟ, ଗୌରାଙ୍ଗ ପରିଜା ପ୍ରମୁଖ ପରିଚାଳନା କରିଥିଲେ।

## ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**

### ଏସ୍‌ପିଙ୍କୁ ଫେରାଦ ହେଲେ ପୀଡ଼ିତା ମହିଳା

ଉଦିତନଗରସ୍ଥିତ କୁମ୍ଭାରପଡ଼ା ବସ୍ତିରେ ଜଣେ ମହିଳା ଘରୋଇ କଳହର ଶିକାର ହୋଇ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଥାନାରେ କୁଆଡେ ତାଙ୍କୁ କେହି ଜଣେ ପୋଲିସ କର୍ମୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ମହିଳା ମଙ୍ଗଳବାର ରାଉରକେଲା ଏସ୍‌ପି କାର୍ଯ୍ୟାଳୟରେ ଫେରାଦ କରିଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ମାମଲାକୁ ନେଇ ଡିଏସ୍‌ପି ନିର୍ମଳ ମହାପାତ୍ର ତଦନ୍ତ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, କୁମ୍ଭାରପଡ଼ାରେ ଜୟନ୍ତୀ ପରମାଣିକ ନାମକ ମହିଳା ସପରିବାର ରୁହନ୍ତି। ମେ ୨୬ ତାରିଖ ଜୟନ୍ତୀଙ୍କ ଦେଢ଼ଶୁର, ଦିଅର ଓ ଅନ୍ୟ ସଦସ୍ୟମାନେ ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କୁ ଓ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ଏସମ୍ପର୍କରେ ଜୟନ୍ତୀ ଥାନାରେ ଅଭିଯୋଗ କରିବାକୁ ତୁରନ୍ତ ଆସିଥିଲେ। ହେଲେ ଥାନାରେ କେହି ଜଣେ ପୋଲିସ କର୍ମୀ ତାଙ୍କୁ ମାଡ଼ମାରି ଥିଲେ। ଏଥିରେ ସେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ବୋଲି ଏସ୍‌ପିଙ୍କୁ ପ୍ରଦତ୍ତ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏହି ମାମଲାରେ ତଦନ୍ତ କରୁଥିବା ଡିଏସ୍‌ପି ମହାପାତ୍ର କହିବା ଅନୁସାରେ, ପୋଲିସ ମାଡ଼ ମାରିବା ଘଟଣାର କୌଣସି ସତ୍ୟତା ନାହିଁ। ଥାନାରେ ଜୟନ୍ତୀ ଓ ଅପରପକ୍ଷ ଆସି ପାଟିତୁଣ୍ଡ କରୁଥିଲେ। ଘଟଣା ସ୍ଥଳରେ ଥିବା ପୋଲିସ କର୍ମୀ ଏହାକୁ କେବଳ ବାରଣ କରିଥିଲେ। ସୁତରାଂ ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ମହାପାତ୍ର କହିଥିଲେ।


ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ମହିଳା ଓ ତାଙ୍କ ପରିବାରବର୍ଗ।

## ତାତିଠାରୁ ବଳିଗଲା ଗୁଳୁଗୁଳି

**ସୁନ୍ଦରଗଡ଼, ୨୯।୫(ଜୟନାରାୟଣ ମେଣ୍ଡୁଲି)**

### ବିଦ୍ୟୁତ୍ କାଟ ନ କରିବାକୁ ଲୋକଙ୍କ ଦାବି

ପ୍ରଚଣ୍ଡ ତାତି ସାଙ୍ଗକୁ ଅସହ୍ୟ ଗରମ ଗୁଳୁଗୁଳିରେ ଏବେ ସିଝୁଛି ସୁନ୍ଦରଗଡ଼। ବୁଧବାର ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୪ଡିଗ୍ରୀ ସେଲସିୟସ ରହିଥିଲା। ସରକାରୀ ଭାବେ ଏହା ରେକର୍ଡ ହୋଇଥିଲାବେଳେ ବେସରକାରୀ ଭାବେ ୪୬ଡିଗ୍ରୀ ସେଲସିୟସ ଥିବା ଲୋକେ କହିଛନ୍ତି। ଘର ହେଉ କି ବାହାରେ ଏଭଳିସ୍ଥିତି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଭଳି ସ୍ଥିତିରେ ବିଜୁଳିର ଲୁଚକାଳି ଖେଳ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଛି। ବିଦ୍ୟୁତ୍ କାଟ ନ କରିବାକୁ ଲୋକେ ଦାବି କରିଛନ୍ତି। ବର୍ତ୍ତମାନ ପଶୁପକ୍ଷୀଠୁ ଆରମ୍ଭ କରି ସମଗ୍ର ଜୀବଜଗତ ତ୍ରାହିତ୍ରାହି ଡାକିଲେଣି। ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଲୋକେ ପଙ୍ଖା, କୁଲର,ଏସି ବ୍ୟବହାର କରୁଥିଲେ ହେଁ ତାହା କାମରେ ଆସୁନି। ଗରିବ ଲୋକଙ୍କର କୁଲର,ଏସି ନ ଥିବାରୁ ସେମାନେ ଡହଳବିକଳ ହେଉଛନ୍ତି। ବିଭିନ୍ନ ସରବତ, ଲସି ଥଣ୍ଡାପାନୀୟ, ପଇଡ ଓ ଦହିବରାର ଚାହିଦା ବଢୁଛି। ଏସବୁର ଦୋକାନରେ ଲୋକଙ୍କ ଭିଡ ଜମୁଛି। ସୁନ୍ଦରଗଡ଼ ସହର ଷ୍ଟାଡିୟମ ଛକରେ ଟିମ ଶ୍ମଶାନ ବନ୍ଧୁଙ୍କ ପକ୍ଷରୁ ଏକ ସରବତ ବିତରଣ କେନ୍ଦ୍ର ଖୋଲାଯାଇ ପଥଚାରୀମାନଙ୍କୁ ଘୋଳ ଦହି, ଓଆରଏସ ପାଣି ବଣ୍ଟନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ଅଂଶୁଘାତରେ ମୃତ୍ୟୁ ନେଇ କୌଣସି ସୂଚନା ନ ଥିଲେ ହେଁ ବେସରକାରୀ ଭାବେ ସୁନ୍ଦରଗଡ଼ ଓ ହେମଗିରରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଯୁଗ୍ମ ତଦନ୍ତ ରିପୋର୍ଟ ଆସି ନ ଥିବା ଜିଲା ଆପାଦକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟା ଓ ଚିକିତ୍ସା ସୁବିଧା କରାଯାଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।


ଉଦିତନଗରସ୍ଥିତ ସରଣା ପୂଜା ସ୍ଥଳରେ ଜ୍ୟେଷ୍ଠ ଯାତ୍ରା ପାଳନ କରାଯାଉଛି।

## ରାଜୀ ପାଡ୍‌ଡା ପକ୍ଷରୁ ଜ୍ୟେଷ୍ଠଯାତ୍ରା

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**

ରାଜୀ ପାଡ଼ହା ସରଣା ପ୍ରାର୍ଥନା ସଭା ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଜ୍ୟେଷ୍ଠ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଇତିହାସ ପୃଷ୍ଠା ମଣ୍ଡନ କରିଥିବା ଓରାମ ସମାଜର ବିରଙ୍ଗନାଙ୍କ ବିଜୟ ଉପଲକ୍ଷେ ଏହି ଯାତ୍ରା ପାଳନ କରାଯାଇଥାଏ। ମଙ୍ଗଳବାର ଏହି ଯାତ୍ରା ମହାସମାରୋହରେ ପାଳନ କରାଯାଇଛି। ଉଦିତନଗର ସ୍ଥିତ ସରଣାପୂଜା ସ୍ଥଳରେ ସମାଜର ମହିଳାମାନେ ପୁରୁଷଙ୍କ ରୂପ ଧାରଣ କରି ଯୁଦ୍ଧକଳା ପରିବେଷଣ କରିଥିଲେ। ରାଣୀ ସିନଗୀ ଦାଇ, ଚମ୍ପୁ ଦାଇ ଓ ଇଂରେଜଙ୍କ ବିରୋଧରେ ଲଢ଼ିଥିବା ସଂଗ୍ରାମୀ କନ୍ୟାମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପାଡ଼ହାର ଅଧ୍ୟକ୍ଷ ଝରିଓ କେର୍କେଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶହ ଶହ ଓରାମ ସମାଜର ମହିଳା ଓ ପୁରୁଷ ଏହି ଜ୍ୟେଷ୍ଠ ଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ଗ୍ରାମୀଣ ମହିଳାଙ୍କୁ ପଟଚିତ୍ର କଳା ତାଲିମ

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**


ଲାଠିକଟା ସୁଇଡ଼ିହିରେ ମହିଳାଙ୍କୁ ତାଲିମ ଦିଆଯାଉଛି।

ସେଲ ପରିଚାଳିତ ରାଉରକେଲା ଇସ୍ପାତ କାରଖାନା( ଆର୍‌ଏସ୍‌ପି)ର ସିଏସ୍‌ଆର୍ ବିଭାଗ ପକ୍ଷରୁ ମହିଳା ସଶକ୍ତିକରଣ ଓ ଜୀବିକା ନିର୍ବାହ ଉଦ୍ୟମ ଅଧୀନରେ ଗ୍ରାମୀଣ ମହିଳାମାନଙ୍କୁ ରୋଜଗାରର ମାଧ୍ୟମ ଭାବରେ ଓଡ଼ିଶାର ପ୍ରସିଦ୍ଧ ପଟ୍ଟଚିତ୍ର କଳାକୁ ଗ୍ରହଣ କରିଛି। ଏହି ତାଲିମ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆର୍‌ଏସପି ଏକ ଅଣସରକାରୀ ପ୍ରତିଷ୍ଠାନ 'ସୋସାଇଟି ଫର୍ ୱିମେନ୍ ଆକ୍ସ ଡେଭଲେପ୍‌ମେଣ୍ଟ' ସହ ସହଭାଗିତା କରିଛି। ଲାଠିକଟା ବ୍ଲକ ଅନ୍ତର୍ଗତ ସୁଇଡ଼ିହି ଗ୍ରାମର ୧୦ ଜଣ ମହିଳାଙ୍କୁ ଏହି କଳାକୁ ଶିଖିବା ପାଇଁ ମନୋନୀତ କରାଯାଇଛି। ସିଏସ୍ ଆର୍ ବିଭାଗର ଇନଷ୍ଟିଚ୍ୟୁଟ୍ ଫର୍ ପେରିଫେରୀ ଡେଭଲେପମେଣ୍ଟର ପ୍ରଥମ ମାସ ମଧ୍ୟରେ ଏହି ଗୋଷ୍ଠୀ ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସମାପ୍ତ ହୋଇଯାଇଥିଲା। ଏହି ଅବଧିରେ ଲାଇନ୍, ସୃଜନାତ୍ମକ ମୋଟିଫ୍, ଡିଜାଇନ୍ , ପକ୍ଷୀ, ମାଛ, ଆଦି ଚିତ୍ର ପାଇଁ କାଗଜ ପ୍ରସ୍ତୁତି ଓ ପେଟିଂ ସମ୍ପୂର୍ଣ୍ଣ କରିବା ଲାଗି ଶିକ୍ଷା ପ୍ରଦାନ କରାଯାଇଥିଲା। ସୁଶାନ୍ତ ବେତାଳ ଏହି ତାଲିମର ପ୍ରଶିକ୍ଷକ ଥିଲେ। ସମ୍ପ୍ରତି ଏହି ଗୋଷ୍ଠୀ ସୁଇଡ଼ିହି ପଞ୍ଚାୟତରେ ୧୧ ମାସର ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅତିକ୍ରମ କରିଛି। ସୂଚନାଯୋଗ୍ୟ, ପ୍ରକଳ୍ପ ପ୍ରାୟ ସାଢ଼େ ୧୦ ଲକ୍ଷ ଟଙ୍କା ବ୍ୟୟରେ ଚାଲୁଛି। ବାରମାସର ଦୀର୍ଘ ତାଲିମ କାର୍ଯ୍ୟକ୍ରମ ଏହି ମହିଳାମାନଙ୍କ ପାଇଁ ଆୟ, ଦକ୍ଷତା ବିକାଶ ଓ ସ୍ଥାୟୀ ଜୀବିକା ନିର୍ବାହ କରିବାକୁ ଲକ୍ଷ୍ୟ ରଖିଛି।

## କୁତ୍ରା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ

**କୁତ୍ରା, ୨୯।୫(ଦେବାଶିଷ ସାହୁ):** କିଛିଦିନ ପାଗ କୋହଲା ପରେ ବର୍ତ୍ତମାନ ପୁଣିଥରେ ପ୍ରବଳ ଖରା। ଆଜକୁ ୩ଦିନ ହେଲା ରୌଦ୍ରତାପ ତାର ପ୍ରକୋପ ଦେଖାଇଛି। କୁତ୍ରା ଅଞ୍ଚଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୧୨ଟା ସୁଦ୍ଧା ୪୫ ଡିଗ୍ରୀ ହୋଇଥିବା ଜଣାପଡ଼ିଛି। ଗୋଟିଏ ପଟେ ଗୁଳୁଗୁଳି ଅପରପଟେ ଖରା ପରିସ୍ଥିତିକୁ ସଙ୍ଗୀନ କରି ଦେଇଛି। କୁତ୍ରା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଗ୍ରୀଷ୍ମତାପ କାରଣରୁ କୂଅ, ପୋଖରୀ, ନଳକୂପ ଜଳସ୍ତର ଭୂତଳଗାମୀ ହେଉଛି। ଏହିପରି ଆଗକୁ ଜାରିରହିଲେ ଗାଁଗୁଡ଼ିକରେ ପାନୀୟଜଳ ସଂକଟ ଉତ୍କଟ ରୂପ ଧାରଣ କରିବ। ବୁଧବାର କୁତ୍ରା ସାପ୍ତାହିକ ହାଟ ଥିଲେ ହେଁ ଖରା ଯୋଗୁ ହାଟ ଖାଁଖାଁ ଲାଗୁଥିଲା। ଥଣ୍ଡା ପାନୀୟ ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

# ତାତିରୁ ନିସ୍ତାର ନାହିଁ: ପାରଦ ୪୫ଡିଗ୍ରୀ ଡେଇଁଲା

**ରାଉରକେଲା, ୨୯।୫(ସଙ୍ଗୀତା ଜେନା)**

ରାଜ୍ୟ ସମେତ ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ କାୟାବିସ୍ତାର କରିଛି। ଏଥିମଧ୍ୟରୁ ରାଉରକେଲାରେ ବୁଧବାର ପୂର୍ବାହ୍ନରୁ ପ୍ରବଳ ଗୁଳୁଗୁଳି ଓ ତତଲା ପବନ ବୋହିବା ଆରମ୍ଭ ହୋଇଥିଲା। ସକାଳୁ ପ୍ରବଳ ଗରବ ଅନୁଭୂତ ହୋଇଥିବା ବେଳେ ଏହାର ପ୍ରକୋପ ପୂର୍ବାହ୍ନରୁ ବୃଦ୍ଧି ପାଇଥିଲା। ତେବେ ମଧ୍ୟାହ୍ନରେ ତାପମାତ୍ରା ୪୫ -୪୬ ଡିଗ୍ରୀ ଥିବା ରେକର୍ଡ କରାଯାଇଥିଲା। ପାଣିପାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୨ ଦିନ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଇସ୍ପାତ ସହରରେ ସକାଳ ପ୍ରାୟ ୮ରୁ ୧୦ ଟା ମଧ୍ୟରେ ଲୋକମାନେ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ କାର୍ଯ୍ୟ ସମ୍ପାଦନ କରି ଘରକୁ ଫେରୁଥିବା ଦେଖାଯାଇଥିଲା। ପ୍ରାୟ ୧୧ଟାରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା। ଅପରପକ୍ଷରେ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ତାଳସଜ, ପଇଡ଼, ଆଇନକ୍ରିମ୍ ଓ ଥଣ୍ଡାପନୀୟ ଆଦି ବହୁଳ ମାତ୍ରାରେ ପିଉଥିବା ଦେଖିବାକୁ ମିଳିଥିଲା। କେତେକ ବରିଷ୍ଠ ନାଗରିକଙ୍କ କହିବା ଅନୁଯାୟୀ ଏହା ଷ୍ଟିଲ୍ ସିଟି ହୋଇଥିଲେ ମଧ୍ୟ ଏତେ ପରିମାଣରେ ଗୁଳୁଗୁଳି ଅନୁଭୂତ ହେଉ ନ ଥିଲା। ପ୍ରାୟ ୨/୩ ବର୍ଷରୁ ସହରରେ ଗରମ ଅଧିକ ଅନୁଭୂତ ହେଉଛି ବୋଲି ସେମାନେ କହିଥିଲେ।




ରାଉରକେଲାରେ ବୁଧବାର ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକେ ଥଣ୍ଡାପାନୀୟ ଓ ପଇଡ଼ ପିଉଛନ୍ତି (ବାମ)। ଦ୍ୱିପ୍ରହରରେ ସହରର ରାସ୍ତା ଶୂନଶାନ ହୋଇପଡ଼ିଛି।

# ହ୍ରାସ ପାଉଛି ଲଘୁ ବନଜାତ ସାମଗ୍ରୀ

ଝାରସୁଗୁଡ଼ା,୨୯।୫(ସଞ୍ଜୟ ମାଲି)



ଝାରସୁଗୁଡା ୧୯୯୪ରୁ ଜିଲାର ମାନ୍ୟତା ପାଇଥିଲା। ସେ ସମୟରେ ଝାରସୁଗୁଡାରେ ୩୫% ଜଙ୍ଗଲ ଥିଲା। ପାଣି, ମାଟି ଓ ମୁଖ୍ୟତ କୋଇଲାରେ ପରିପୂର୍ଣ୍ଣ ଥିଲା। ଅବାଧ ଜଙ୍ଗଲ କଟା ଯୋଗୁ ଆଗ ଭଳି ଆଉ ମୂଲ୍ୟବାନ ଗଛ ଦେଖିବାକୁ ମିଳୁନାହିଁ। ଜଙ୍ଗଲ ଉପରେ କ୍ରମାଗତ ଭାବେ ଲଘୁ ବନଜାତ ଉତ୍ପାଦନ ହ୍ରାସ ପାଇଥିବାରୁ ଲୋକେ ହତାଶ ହେଉଛନ୍ତି। ବର୍ତ୍ତମାନ ସ୍ଥିତିରେ ଯାହା ଜଙ୍ଗଲ ବଞ୍ଚିଛି, ତାହା କାଠ ମାଫିଆ ମାନେ କାଟି ପଦା କରି ସାରିଲେଣି। କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ସମୟରେ ଜଙ୍ଗଲରେ ନିଆଁ ଲଗାଇବା ଅନେକ ସମୟରେ ଦେଖିବାକୁ ମିଳେ। ଜଙ୍ଗଲ କ୍ଷୟର ଏହା ଏକ ମୁଖ୍ୟ କାରଣ। ଏହା ଦ୍ୱାରା ଆଦିବାସୀ ଓ ଗରିବ ଶ୍ରେଣୀର ଲୋକମାନେ ଜୀବିକା ହରାଉଛନ୍ତି। ଜିଲାର ୪ଟି ବ୍ଲକ ଲଖନପୁର, କିରମିରା, କୋଲାବିରା, ଲଇକେରାରେ ବାସ କରୁଥିବା ଆଦିବାସୀ ଓ ଗରିବ ଶ୍ରେଣୀର ଲୋକମାନେ ଜଙ୍ଗଲରୁ ଟୋଲ, ମହୁଲ, କେନ୍ଦୁ, ଚାର, କେନ୍ଦୁପତ୍ର, ଖଜୁରୀ, ଆମ୍ବ, ଶାଳପତ୍ର ସଂଗ୍ରହ କରିବା ସହିତ ଝାଡୁ ଶୋଚେର, ଶୁଖିଲା କାଠ ସଂଗ୍ରହ କରି ତାଙ୍କ ପରିବାର ଚଳାନ୍ତି। ବର୍ତ୍ତମାନ ଜିଲାରେ କ୍ରମାଗତ ଭାବେ ଗଢ଼ି ଉଠିଥିବା ଛୋଟ ବଡ କଳକାରଖାନା ଯାଗୁ ବ୍ୟାପକ ମାତ୍ରାରେ ପ୍ରଦୂଷଣ ହେବା ସହିତ କଳକାରଖାନାରୁ ବାହାରୁଥିବା ବିଷାକ୍ତ ପାଉଁଶ ବେଆଇନ ଭାବେ ଜିଲାର ବିଭିନ୍ନ ଜଙ୍ଗଲ କାଟି ଜଙ୍ଗଲ ମଝିରେ ପକାଉଥିବା ଦେଖିବାକୁ ମିଳିଛି। ଜଙ୍ଗଲ ବିଷାକ୍ତ ପାଉଁଶ ପଡ଼ିବା ତଥା ବାୟୁ ପ୍ରଦୂଷଣ ଯାଗୁ ଆଗଭଳି ଆଉ ଜଙ୍ଗଲରେ ଲଘୁ ବନଜାତ ସାମଗ୍ରୀ ଦେଖିବାକୁ ମିଳୁନାହିଁ। ଏହାର ସିଧାସଳଖ ପ୍ରଭା ଜିଲାର ଗରିବ ଖଟିଖିଆ ଓ ଶହ ଶହ ଆଦିବାସୀ ପରିବାର ଉପରେ ପଡୁଛି। ଜଙ୍ଗଲ କ୍ଷୟ ଯୋଗୁ ଜଙ୍ଗଲରେ ରହୁଥିବା ଜିବଜନ୍ତୁ ଉପରେ ପ୍ରଭାବ ପଡୁଛି। ଖାଦ୍ୟ ଅଭାବରୁ ଜୀବଜନ୍ତୁ ଅନେକ ସମୟରେ ସହର ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ଜଙ୍ଗଲ କଟିବା ଯୋଗୁ ବର୍ଷାର ପରିମାଣ କମୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ବଢୁଛି। ଆଗଭଳି ଆଉ ଶୀତ ମଧ ହେଉନାହିଁ। ଜଙ୍ଗଲ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ ଜନ ସଚେତନତା କରୁଥିବା ବେଳେ ଲୋକେ ସଚେତନ ହେଉନାହାନ୍ତି। ଆଗକୁ ଏଭଳି ଜଙ୍ଗଲ କ୍ଷୟ ହୁଏ ତାହା ହେଲେ ଏହାର ପ୍ରଭାବ ସିଧାସଳଖ ଲୋକଙ୍କ ଉପରେ ପଡ଼ିବ ଏଥିରେ ସନ୍ଦେହ ନାହିଁ। ଜଙ୍ଗଲ ବଞ୍ଚାଇବାକୁ ହେଲେ ସମସ୍ତେ ଏକଜୁଟ ହୋଇ ଗଛ ଲଗାଇବାର ସମୟ ଆସିଯାଇଛି, ନ ହେଲେ ଝାରସୁଗୁଡ଼ା ଜିଲାର ପରିସ୍ଥିତି ଭୟଙ୍କର ହେବ ବୋଲି ପରିବେଶବିତମାନେ କହିଛନ୍ତି।

# ବେଆଇନ ଗୋରୁ ଚାଲାଣ ବେଳେ କଣ୍ଟେନର ଅଚଳ



ଦେବଗଡ଼,୨୯।୫(ଶଶାଙ୍କ ଶେଖର ଝାଙ୍କର)

## ୫୭ ଗୋରୁ ଉଦ୍ଧାର, ଚାଳକ ଫେରାର

ଗୋରୁ ଚୋରାଚାଲାଣ ବେଳେ ବାରକୋଟ ଥାନା କଲା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବେଆଇନ ଗୋରୁ ବୋଝେଇ କଣ୍ଟେନର ଅଚଳ ହୋଇ ଅଟକିଥିବା ବେଳେ ସେଥିରୁ ୫୭ଟି ଗୋରୁ ଉଦ୍ଧାର କରାଯାଇଥିବା ଜଣାପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥରେ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳ ପ୍ରାୟ ୬ଟାରେ ଦେବଗଡ ପଟୁ କୋଲକାତା ଆଡକୁ ଯାଉଥିବା ଏକ ବେଆଇନ ଗୋରୁ ବୋଝେଇ କଣ୍ଟେନରର ସାଫ୍ଟ ଛିଣ୍ଡି ଯିବାରୁ ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଅଚଳ ହୋଇ ଅଟକି ଯାଇଥିଲା। ଫଳରେ ଏହାର ଚାଳକ କଣ୍ଟେନର ସେଠାରେ ଛାଡି ଫେରାର ହୋଇଯାଇଥିଲା। କଣ୍ଟେନର ମଧ୍ୟରୁ ଧଡଧଡ ଶବ୍ଦ ହେବାରୁ କେତେକ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ କଣ୍ଟେନର ଡାଲା ଖୋଲି ତହିଁରେ ଅତି ନୃଶଂସ ଭାବେ ଚୋରାଚାଲାଣ ହେଉଥିବା ୫୭ଟି ଗୋରୁ ଉଦ୍ଧାର କରିବା ସହ ବାରକୋଟ ପୋଲିସକୁ ସୂଚନା ଦେଇଥିଲେ। ବାରକୋଟ ପୋଲିସ ପହଞ୍ଚି ଉକ୍ତ କଣ୍ଟେନର ଓ ଗୋରୁ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଗ୍ରାମବାସୀ ଗୋରୁ ଖାଇବା ପିଇବାକୁ ଦେବା ପରେ ପୋଲିସ ଅସ୍ଥାୟୀ ଭାବେ ଆଶ୍ରୟ ଦେବା ପାଇଁ ବିଜୟ ନଗରସ୍ଥିତ ଗୋଶାଳା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ମାସରେ ରାତ୍ରୀ ସମୟରେ ଅନ୍ୟୁନ ୪/୫ ଥର ଉକ୍ତ ରାସ୍ତା ଦେଇ ପଶ୍ଚିମବଙ୍ଗକୁ ବେଆଇନ ଗୋରୁ ଚୋରା ଚାଲାଣ ହେଉଥିବା ଏବଂ ବାରକୋଟ ପୋଲିସର ଜ୍ଞାତ ସାରରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଜିଲା ଆରକ୍ଷୀ ଅଧୀକ୍ଷିକା ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେଆଇନ ଗୋରୁ ଚାଲାଣ ରୋକିବାକୁ ଦାବି ଜଣାଇଛନ୍ତି।

# ପ୍ଲାଟିନମ୍ ଜୁବିଲି ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୯।୫(ଭବାନୀ ଶଙ୍କର ଭୋଇ)

## ମୁଦିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ

ସମ୍ବଲପୁର ମହାନଗର ଅନ୍ତର୍ଗତ ମୁଦିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ଲାଟିନମ ଜୁବିଲି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁନ୍ ୧ ତାରିଖରେ ସ୍କୁଲ ୭୫ ବର୍ଷରେ ପଦାର୍ପଣ କରିବ। ଏଥିପାଇଁ ଆୟୋଜନ କମିଟି ଆହ୍ୱାନକ୍ରମେ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ରଙ୍କ ସଭାରେ ଆସନ୍ତା ଜୁଲାଇ ମାସରୁ ୨୦୨୫ ଜୁନ୍ ପର୍ଯ୍ୟନ୍ତ ବର୍ଷବ୍ୟାପୀ ପ୍ଲାଟିନମ ଜୁବଲି ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ରାଜ୍ୟ, ଦେଶ ଓ ବିଦେଶରେ ପ୍ରତିଷ୍ଠିତ ପଦ ପଦବୀରେ ରହି ସମ୍ବଲପୁରର ସୁନାମ ବୃଦ୍ଧି କରି ଆସିଛନ୍ତି। ସେମାନଙ୍କୁ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରାଯିବା ବୈଠକରେ ସ୍ଥିର ହୋଇଥିଲା। ଆୟୋଜନ କମିଟି ଆବାହକ କାର୍ତ୍ତିକ ପ୍ରସାଦ ବହିଦାର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଡ଼. କିଶୋରୀ ଦାଶ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହି ସଭାରେ ବର୍ଷବ୍ୟାପୀ ବିଦ୍ୟାଳୟର ପ୍ଲାଟିନମ୍ କାର୍ଯ୍ୟକ୍ରମ, ବିଦ୍ୟାଳୟର ନୂତନ କୋଠା ନିର୍ମାଣ, ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ଯୋଡ଼ିବା, କାର୍ଯ୍ୟକ୍ରମର ସଫଳତା ପାଇଁ ବିଭିନ୍ନ କମିଟି ମାନ ଗଠନ କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ଅଶୋକ କୁମାର ପଟେଲ, ହରିହର ପାଣି, ଗତିକୃଷ୍ଣ ଷଡ଼ଙ୍ଗୀ, ଭୋଳା ଶଙ୍କର ମହନ୍ତମ୍, ଶରତ ଚନ୍ଦ୍ର ବହିଦାର, ଦୁର୍ବାଦଳ ପାଣିଗ୍ରାହୀ, ସ୍ନିଗ୍ଧାମୟୀ ପ୍ରଧାନ, ରଞ୍ଜିତା ସେଠ, ସନ୍ଧ୍ୟାରାଣୀ ଦୀକ୍ଷିତ ଅଂଶଗ୍ରହଣ କରି ପ୍ରସ୍ତାବ ମାନ ଦେଇଥିଲେ । ଆସନ୍ତା ଜୁଲାଇ ୨୦ ତାରିଖ ପୂର୍ବାହ୍ନରେ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାରେ ସ୍ଥିର କରାଯାଇଥିଲା ଶେଷରେ ଯୁଗ୍ମ ସମ୍ପାଦିକା ସ୍ୱସ୍ତିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ଋତୁସ୍ରାବ ଦିବସରେ ସଚେତନତା କାର୍ଯ୍ୟକ୍ରମ



ଦେବଗଡ଼,୨୯।୫(ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ଋତୁଶ୍ରାବ ଦିବସ ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ଜିତା ଆନୁକୁଲ୍ୟରେ ୨ଦିନ ଧରି ବାରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଝିଅମାନଙ୍କ ମାସିକ ଋତୁସ୍ରାବ ନେଇ ସମାଜରେ ରହିଥିବା ଭ୍ରାନ୍ତ ଧାରଣା ଦୂର କରିବା ସହ ଏହି ସମୟ ମଧ୍ୟରେ ସ୍ୱଚ୍ଛତା ରକ୍ଷା ସାଙ୍ଗକୁ ପରିମଳ, ଯତ୍ନ ଓ ସାନିଟାରୀ ପ୍ୟାଡର ବ୍ୟବହାର ସମ୍ପର୍କରେ ସଚେତନତା କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦିକା ଅନୁପମା ରଉତଙ୍କ ତତ୍ତ୍ୱାବଧାନରେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ନିଜ ଅଞ୍ଚଳରେ କିଶୋରୀ, ଯୁବତୀ ଓ ବିବାହିତା ମହିଳାମାନଙ୍କୁ ଋତୁସ୍ରାବର ବିଭିନ୍ନ ଦିଗ ଉପରେ ସଚେତନ କରିବା ସହ ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରୀୟା । ଯେତେବେଳେ ଋତୁସ୍ରାବ ଆରମ୍ଭ ହୁଏ ସେତେ ବେଳେ ଅନେକେ ଭୟ ଏବଂ ମାନସିକ ଚାପର ସମ୍ମୁଖିନ ହୁଅନ୍ତିସ। ଅନ୍ୟପକ୍ଷରେ ଋତୁସ୍ରାବ ନେଇ ସମାଜର ବହୁ ଭ୍ରାନ୍ତ ଧାରଣା ରହିଥିବାରୁ ସେମାନେ ଏକଥାକୁ ଲାଜରେ ଗୋପନ ରଖିବା ସହ ନିଜର କପଦା ଏବଂ ଅନ୍ୟାନ୍ୟ ସାମଗ୍ରୀ ଖରାରେ ନ ଶୁଖାଇ ବ୍ୟବହାର କରିଥାନ୍ତି । ଫଳରେ ଏହାଦ୍ୱାର ବିଭିନ୍ନ ପାର୍ଶ୍ୱର୍ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ଏଣୁ ଋତୁସ୍ରାବ ହେଲେ ଏକଥାକୁ ନ ଲୁଚାଇ ଅନ୍ୟମାନଙ୍କ ସହିତ ଖୋଲାଖୋଲି ଆଲୋଚନା କରି ପାଶ୍ୱର୍ ପ୍ରତିକ୍ରିୟା ଏବଂ ସଂକ୍ରମଣରୁ ରକ୍ଷା ପାଇବାକୁ କିଶୋରୀ, ଯୁବତୀ ଓ ବିବାହିତା ମହିଳାମାନଙ୍କୁ ବୁଝାଇଥିଲେ। ଏଥିସହ କିଶୋର ଅବସ୍ତାରେ ପୁଷ୍ଟିକର ଖାଦ୍ୟର ମହତ୍ୱ ଏବଂ ଶାରୀରୀକ ଓ ମାନସିକ ସ୍ଥରରେ ସୁସ୍ଥ ରହିବା ପାଇଁ ଖେଳ କୁଦର ଆବଶ୍ୟକତା ସମ୍ପର୍କରେ ମଧ ବହୁ ଉପାଦେୟ ପରାମର୍ଶ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଦେବଗଡ଼,୨୯।୫(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଦନ୍ତାରିବାହାଲ କ୍ଲଷ୍ଟର ଅନ୍ତର୍ଗତ ଦାନ୍ତାରିବାହାଲ ୟୁଜିୟୁପି ସ୍କୁଲର ଶିକ୍ଷକ ଜଗଦୀଶ ସାମଲ ବୁଧବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ଦିଆଯାଇଛି। ଦନ୍ତାରିବାହାଲ କ୍ଲଷ୍ଟର ସିଆରସିସି ସତ୍ୟାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନ ଓ ଦାନ୍ତାରିବାହାଲ ୟୁଜିୟୁପି ସ୍କୁଲ ବରିଷ୍ଠ ଶିକ୍ଷକ ବାଣେଶ୍ୱର ହାତିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ନାୟକ, ମଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ତିଲେଇମାଲ କ୍ଲଷ୍ଟର ସିଆରସିସି ନିରଞ୍ଜନ ସାହୁ ଓ କଣ୍ଢେଲକ୍ଲଷ୍ଟର ସିଆରସିସି ପ୍ରଭାତ କୁମାର ପ୍ରଧାନ ଓ କଣ୍ଟାପାଲି କ୍ଲଷ୍ଟରର ସିଆର୍‌ସସି ପ୍ରଦୀପ କୁମାର ପ୍ରଦାନ ଯୋଗଦେଇ ବିଦାୟୀ ଶିକ୍ଷକ ସାମଲଙ୍କ କର୍ମମୟ ଜୀବନ ଉପରେ ନିଜର ବକ୍ତବ୍ୟ ଉପସ୍ତାପନ କରିବା ସହ ତାଙ୍କୁ ପୁଷ୍ପମାଲ୍ୟ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗାଘରେ ବିତୁଛି ଜୀବନ



ଛାତ ନ ଥିବା ଭଙ୍ଗା ଘରେ ପରିବାର ସଦସ୍ୟଙ୍କ ସହ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା।

କୁଚିଣ୍ଡା,୨୯।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତ ଅନ୍ତର୍ଗତ ବଗାଡିହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁଣ୍ଡା। ଭଙ୍ଗା ଘରେ ଅତି ଦୟନୀୟ ଅବସ୍ଥାରେ ସେ ପରିବାର ସହ ଜୀବନ ବିତାଉଛନ୍ତି। ଆବାସ ଯୋଜନାରେ ତାଙ୍କୁ ଏ ଯାଏ ଘର ମିଳିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ପଞ୍ଚାୟତରେ ଆବେଦନ କରିଛନ୍ତି। ଜନ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ଅନେକବାର ଗୁହାରି କରିଥିଲେ ବି କୌଣସି ସୁଫଳ ମିଳି ନ ଥିବା ପୂର୍ଣ୍ଣଚନ୍ଦ୍ର କହିଛନ୍ତି। ଅପରପକ୍ଷରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାଙ୍କ ଘର ଦୁର୍ବଳ ହୋଇଯାଇଛି। ଗତ ବର୍ଷାରେ ଘର କାନ୍ଥ ଭାଙ୍ଗି ଛପର ଉଡି ଯାଇଛି। ଏତଦ୍‌ବ୍ୟତୀତ ଘର କୋଠରିର କାନ୍ଥ ଫାଟି ଆଁ କରି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜୀବନ ପ୍ରତି ବିପଦ ଥିବାରୁ ପୂର୍ଣ୍ଣଚନ୍ଦ୍ର ସ୍ତ୍ରୀ ଏବଂ ଦୁଇ ସନ୍ତାନଙ୍କ ସହ ଅନ୍ୟ ଜଣଙ୍କ ବାରଣ୍ଡାରେ ରହୁଛନ୍ତି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ପୂର୍ଣ୍ଣଚନ୍ଦ୍ର ମୁଣ୍ଡାଙ୍କ ନାମ ଆବାସ ଯୋଜନାରେ ତାଲିକାରେ ଅଛି କି ନାହିଁ ଯାଞ୍ଚ କରିବା ପରେ ତାଙ୍କ ପରିବାରକୁ ଘର ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଚାଷୀଙ୍କ ଚିନ୍ତା ବଢ଼ାଇଲା ହାତୀପଲ

ପଡିଆବାହାଲ,୨୯।୫(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ପଡିଆବାହାଲ ବନଖଣ୍ଡ ଅଞ୍ଚଳରେ ହାତୀ ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବୁଧବାର ଅପରାହ୍ନରେ ତୁରାଙ୍ଗ ଗ୍ରାମ ମାଳତି ଜୋର ଓ କେନାଲ ବ୍ରିଜ୍ ନିକଟରେ ଦୁଇଟିକିଆ ହାତୀ କ୍ଷେତରେ ଥିବା ରବିଧାନ ଖାଉଥିବା ଦେଖାଯାଇଥିଲା। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ଉପସ୍ଥିତ ରହି ଘଉଡ଼ାଇବା ଉଦ୍ୟମ ଜାରି ରଖିଥିଲେ। ଗ୍ରୀଷ୍ମ ସକାଳେ ମୁର୍ଗାବାରି ଅଞ୍ଚଳରେ ଥିବା ଏକ ବନ୍ଧର ପାଣିରେ ହାତୀମାନେ ପଶି ରହିଥିବା ଦେଖାଯାଇଥିଲା। ଏବେ ଧାନ ପାଚି ଅମଳ ସମୟରେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ହେଉଥିବା ବେଳେ ଅଞ୍ଚଳକୁ ଜଙ୍ଗଲରୁ ହାତୀ କ୍ଷେତ ସମୀପ ଅଞ୍ଚଳକୁ ଆସିବା ଚାଷୀଙ୍କ ସହ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି।

# ଭାଲୁଡୁଙ୍ଗରି ଗ୍ରାମରେ ପାନୀୟଜଳ ସମସ୍ୟା

ଖଡ଼ିଆଳ,୨୯।୫ (ସୁଜିତ କୁମାର ପ୍ରଧାନ)

## ୭ ଦିନ ଧରି ପାଇପ ପାଣି ଆସୁନି

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦାବ୍ରି ଗ୍ରାମ ପଞ୍ଚାୟତର ଭାଲୁଡୁଙ୍ଗରି ଗ୍ରାମରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ବି ୭ଦିନ ଧରି ପାଣି ଆସୁନି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗ୍ରାମରେ ଦୁଇଶହ ପରିବାର ଥିବାବେଳେ ଦୁଇଟି ନଳକୂପ ରହିଛି। ତହିଁରୁ ଗୋଟିଏ ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାବେଳେ ଅନ୍ୟ ଗୋଟିଏ ନଳକୂପ ଉପରେ ଏବେ ଗ୍ରାମବାସୀ ନିର୍ଭର କରୁଛନ୍ତି। ହେଲେ ଏହି ନଳକୂପରୁ କମ୍ ପାଣି ବାହାରୁଛି। ଫଳରେ ଗାଁର ମହିଳାମାନେ ରାତି ଅଧରୁ ପାଣି ପାଇଁ ଜଗି ରହୁଛନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ ସୁଫଳ ମିଳୁ ନ ଥିବା ଲୋକେ କହୁଛନ୍ତି। ପାଣି ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗାଁ ଗାଁରେ ବସୁଧା ଯୋଜନାରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ଏହି ଗ୍ରାମରେ ପାଣି ପହଞ୍ଚି ପାରୁନି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅମ୍ବିକା ମାଝିଙ୍କୁ ପଚାରିବାରୁ ଅତିଶୀଘ୍ର ଉକ୍ତ ଗ୍ରାମକୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବ, ନ ହେଲେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପାଣି ପାଇଁ ନଳକୂଅ ନିକଟରେ ଜଗିରହିଛନ୍ତି ମହିଳା।

## ଅସହାୟ ବୃଦ୍ଧାଙ୍କୁ ଉଦ୍ଧାର

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଅସହାୟ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି। ବରଗଡ଼ ବ୍ଲକ ଗାଇସୀମା ଗ୍ରାମର ରାସ୍ତାକଡ଼େ ବୃଦ୍ଧା ଥିବାବେଳେ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀ ରୋହିତ ସାହୁ ସେଠାକୁ ପହଞ୍ଚିଥିଲେ। ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ବୃଦ୍ଧାଙ୍କୁ ଭେଡ଼େନ ବ୍ଲକ ବଡ଼ପିପିଲିପାଲିର ଆନନ୍ଦ ସେବା ସଦନରେ ଆଶ୍ରୟ ଦିଆଯାଇଛି।

# ଧାନ କିଣାବିକା ଠପ୍, ତେଜୁଛି ଅସନ୍ତୋଷ

ବରଗଡ଼,୨୯।୫(ପ୍ରେମାନନ୍ଦ ଖମାରୀ)



ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ସହିତ ଚାଷୀ ପ୍ରତିନିଧିଙ୍କ ଆଲୋଚନା ।

- ତ୍ରୁଟିନି ସହରାଟିକ୍ରା ମଣ୍ଡି ସମସ୍ୟା
- ବିକ୍ରି ନ ହୋଇ ମଣ୍ଡିରେ ପଡ଼ିଛି ଧାନ
- ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫେରାଦ
- ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଆରମ୍ଭ

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରୀତ ବଜାର କମିଟି (ଆର୍ଏମସି) ଅଧୀନ ସହରାଟିକ୍ରା ଧାନକ୍ରୟ କେନ୍ଦ୍ର(ମଣ୍ଡିରେ) ସୋମବାର ମହିଳାମାନେ ହାତାହାତି ହେବା ପରେ ସେଠାରେ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟାହତ ହୋଇଛି। ଘଟଣାପରଠୁ ଉକ୍ତ ମଣ୍ଡିରେ ଧାନ କିଣାବିକା ଠପ୍ ପଡ଼ିଯାଇଛି। ମଣ୍ଡିରେ ଧାନକ୍ରୟ ଦାୟିତ୍ୱରେ ରହିଥିବା ସ୍ୱୟଂ ସହାୟକ ଗୋଷ୍ଠିକୁ ତୁରନ୍ତ ବାଦ୍ ଦେଇ ଅନ୍ୟ ଧାନକ୍ରୟ ସଂସ୍ଥା ଜରିଆରେ ଧାନ କିଣିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ତେବେ ସେ ନେଇ ଖବର ଲେଖାହେବା ସୁଦ୍ଧା ବୁଧବାର (ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ) କୌଣସି ନିର୍ଯାସ ବାହାରି ପାରି ନ ଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟା ମଧ୍ୟ ବନ୍ଦ ରହିଛି। ଅନ୍ୟପଟେ ଏହାକୁ ନେଇ ଅଞ୍ଚଳର ଚାଷୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ବୁଧବାର ଏକ ଚାଷୀ ପ୍ରତିନିଧି ଦଳ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ଫେରାଦ ହୋଇଥିଲେ। ତାଙ୍କ ସହିତ ଚାଷୀ ପ୍ରତିନିଧିମାନେ ଆଲୋଚନା କରି ସହରାଟିକ୍ରା ଧାନ କ୍ରୟକେନ୍ଦ୍ରରେ ତୁରନ୍ତ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ଦାବି କରିଥିଲେ। ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ଅଞ୍ଚଳର ଚାଷୀମାନେ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଲାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜିଲାରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ବାରମ୍ବାର ଚାଷୀ ସଙ୍ଗଠନଗୁଡ଼ିକ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଆବାହକ ରମେଶ ମହାପାତ୍ର କହିଛନ୍ତି, ରାଜ୍ୟର ବିକେନ୍ଦ୍ରୀତ ଧାନ ସଂଗ୍ରହ ନୀତିର କୌଣସି ସ୍ପଷ୍ଟୀକରଣ ନାହିଁ। ଜିଲାରେ ଏଫଏକ୍ୟୁ ନାମରେ ଧାନ କ୍ରୟସଂସ୍ଥାଗୁଡ଼ିକ କୁଇଣ୍ଟାଲ ପ୍ରତି ୨ରୁ ୩କି.ଗ୍ରା ଲେଖାଏଁ ଧାନ କଟନି ଛଟନି କରୁଛନ୍ତି। ଯେଉଁଠି ଚାଷୀ କଟନିଛଟନିରେ ରାଜି ହେଉ ନାହାନ୍ତି, ସେଠାରେ ସେମାନଙ୍କ ଧାନ କିଣାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଧାନକ୍ରୟ ସଂସ୍ଥା କର୍ମଚାରୀଙ୍କ କଟନିଛଟନିରେ ଚାଷୀମାନେ ରାଜି ହେଲେ ସେଭଳିସ୍ଥଳେ ସୁରୁଖୁରୁରେ ଧାନ କିଣାଯାଉ ଥିବା ମହାପାତ୍ର କହିଛନ୍ତି।

ସହରାଟିକ୍ରା ଧାନକ୍ରୟ କେନ୍ଦ୍ରରେ ସେଭଳି ଆଳ ଦେଖାଇ ଚାଷୀଙ୍କୁ ହଇରାଣ କରାଯିବା ଯୋଗୁ ସେଠାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ଉକ୍ତ ଧାନକ୍ରୟ କେନ୍ଦ୍ରରେ ରେମଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଏବଂ ତାଲମେଣ୍ଡା ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠିକୁ ଧାନକ୍ରୟ ଦାୟିତ୍ୱ ଦିଆଯାଇଛି। ସହରାପାଲି, ବରର୍ଗଡ଼ପାଲି ଏବଂ ଦେହେରୀପାଲି ଅଞ୍ଚଳର ଚାଷୀମାନେ ଉକ୍ତ ଧାନକ୍ରୟ କେନ୍ଦ୍ର ଉପରେ ନିର୍ଭର କରି ଆସୁଛନ୍ତି। ତେବେ ଗତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଉକ୍ତ ଧାନକ୍ରୟ କେନ୍ଦ୍ରରେ ସେଭଳି ବିଶେଷ ଅସୁବିଧା ହୋଇ ନ ଥିବାବେଳେ ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କୁ କଟନିଛଟନି ବାଧ୍ୟତାମୂଳକ କରାଯିବା, ଧାନକ୍ରୟ କେନ୍ଦ୍ରରେ ସଂଗୃହୀତ ଧାନକୁ କ୍ରମାନ୍ୱୟରେ କିଣା ନ ଯିବା, ଧାନକ୍ରୟ କେନ୍ଦ୍ର ଓ ରାଇସ୍ ମିଲ ପଏଣ୍ଟରେ ସମାନ ଧାନର ଆର୍ଦ୍ରତା, ଓଜନରେ ଫରକ୍ ରହିବା, ବସ୍ତା, ସୁତୁଲି ଏବଂ ଶ୍ରମିକ ସମସ୍ୟା ରହିବା ଯୋଗୁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି ବୋଲି ଚାଷୀ ନେତା ମହାପାତ୍ର କହିଛନ୍ତି। ତେବେ ସହରାଟିକ୍ରା ଧାନକ୍ରୟ କେନ୍ଦ୍ରରେ ଉପୁଜିଥିବା ଅପ୍ରୀତିକର ପରିସ୍ଥିତିର ସମାଧାନ ସହିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ଅସମାହିତ ହୋଇ ରହିଥିବାବେଳେ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାତାତିରେ ଧାନକ୍ରୟ କେନ୍ଦ୍ରରେ ରହି ଧାନ ଜଗି ରହୁଥିବାବେଳେ ଚାଷୀଙ୍କ ଖରିଫ ଚାଷ ପ୍ରସ୍ତୁତି ମଧ୍ୟ ବିଳମ୍ବ ହେବାରେ ଲାଗିଛି। ଫଳରେ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଚାଷୀ ସଙ୍ଗଠନଗୁଡ଼ିକ ଦାବି କରିଛନ୍ତି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ସମୟରେ ସଂଯୁକ୍ତ କୃଷକ ସଙ୍ଗଠନ ଆବାହକ ମହାପାତ୍ର, ଉତ୍ପନ୍ନ କୁମାର ଭୋଇ, ଭେଡ଼େନ କୃଷକ ସଂଗଠନର ସୁଦାମ ପାତ୍ର, ଗଙ୍ଗା ପାତ୍ର, ସୁବ୍ରତ ପ୍ରଧାନ, ଉମେଶ ପ୍ରଧାନ, ଚୂଡ଼ାମଣି ଛନ୍ଦ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁରରେ ଅସହ୍ୟ ଗ୍ରୀଷ୍ମପ୍ରବାହ

ପଦ୍ମପୁର,୨୯।୫(ପ୍ରଦୀପ୍ତ ଦାଶ)

**ରାସ୍ତା ଶୂନ୍‌ଶାନ, ଜନଜୀବନ ଅସ୍ତବ୍ୟସ୍ତ**

କିଛିଦିନର ବ୍ୟବଧାନ ପରେ ରାଜ୍ୟକୁ ପୁଣି ଫେରିଛି ଗ୍ରୀଷ୍ମ ପ୍ରବାହ। ବାତ୍ୟା 'ରେମାଲ' ଯୋଗୁ ତାପମାତ୍ରା ହ୍ରାସ ପାଇଥିବାବେଳେ ରାଜ୍ୟରେ ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଉପରେ ରେକର୍ଡ କରାଯାଇଛି। ପଦ୍ମପୁରରେ ଗତ ୩ ଦିନ ହେବ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ପୂର୍ବାହ୍ନ ୧୦ଟାରୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଯେଉଁ ପଥିକମାନେ ଜରୁରୀ କାମ ପାଇଁ ଯାତଆତ କରୁଛନ୍ତି, ସେମାନଙ୍କ ଅବସ୍ଥା ସଙ୍ଗୀନ ହୋଇପଡୁଛି। ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ପଥିକମାନେ ଛାଇ ଟିକେ ମଧ୍ୟ ପାଇପାରୁନାହାନ୍ତି। ଗଛ ଅଭାବ ଯୋଗୁ ଲୋକେ ଛାଇ ଟିକେ ମଧ ପାଇପାରୁନାହାନ୍ତି। ପଦ୍ମପୁର-ଜଗଦଲପୁର ରାସ୍ତା ଓ ପଦ୍ମପୁର-ପାଟଣାଗଡ ରାସ୍ତାର ପ୍ରଶସ୍ତୀକରଣରେ ହଜାର ହଜାର ସଂଖ୍ୟାରେ ବୃକ୍ଷ କଟା ଯାଇଥିବାରୁ ଏହି ଚରମ ଅବସ୍ଥା ଭୋଗିବାକୁ ପଡୁଛି। ଅପରପକ୍ଷରେ ଦିନବେଳେ ଅଗ୍ନି ବର୍ଷା ସାଙ୍ଗକୁ ରାତିରେ ପ୍ରବଳ ଗୁଳୁଗୁଳି ଲୋକେ ସନ୍ତୁଳି ହେଉଛନ୍ତି। ଆଗକୁ ଆହୁରି ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଆଗକୁ ଆହୁରି ତାତି ଲାଗି ରହିଲେ ଆଂଶୁଘାତଜନିତ ମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ପଦ୍ମପୁରର ରାସ୍ତା ଶୂନଶାନ।

# ତରଭାରେ ରଥଯାତ୍ରା ପାଳନ ପାଇଁ ପ୍ରସ୍ତୁତି ବୈଠକ

ତରଭା,୨୯।୫(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ଅଧକ୍ଷା ବନ୍ଦିତା ନାଏକଙ୍କ ଅଧକ୍ଷତାରେ ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ କିପରି ସୁରୁଖୁରୁରେ ପାଳନ କରାଯିବ ସେ ବିଷୟରେ ମତଉପସ୍ଥାପନ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ଅନୁରୋଧ କରିଥିଲେ। ଏହି ଅବସରରେ ବିଭିନ୍ନ କମିଟିମାନ ଗଠନ କରଯାଇଥିଲା। ରଥ ପରିଚାଳନା କମିଟି ସଭାପତିଭାବେ ରତନଲାଲ ଅଗ୍ରୱାଲ, ଉପସଭାପତି ମଧୁସୂଦନ ପାଣ୍ଡେ ରହିଛନ୍ତି। ରଥଟଣା ଅପରାହ୍ନ ୫ଟାରେ ହେବ। ରେଜିଷ୍ଟ୍ରେଶନ ଉପନ ଭୋଗ ଶୀଘ୍ର ପ୍ରଦାନ, ରଥ ତିଆରି ପାଇଁ ଆବଶ୍ୟକ କାଠ ଶୀଘ୍ର ଆଣିବା, ଦେବୋତ୍ତର ବିଭାଗରୁ ପ୍ରତିବର୍ଷ ଯେପରି ଅନୁଦାନ ଆସିବ ସେ ବିଷୟରେ ଚିଠି କରାଯିବା ପାଇଁ ପ୍ରସ୍ତାବ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ କମିଟି ଆରକ୍ଷୀ ଅଧିକ୍ଷକ ସୋନପୁରଙ୍କୁ ସାକ୍ଷାତ କରିବା, ମୀନା ବଜାର ରାତ୍ରି ୧୦ଟା ପରେ ବନ୍ଦ, ଯାତ୍ରା ସମୟରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପନଗରପାଳ ଗଗନ ଅଗ୍ରୱାଲ, ଏସଆଇ ଲମ୍ବୋଦର ଡାଙ୍ଗ, ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର, ତରଭା ଆରଆଇ ପ୍ରକାଶ କୁମ୍ଭାରଙ୍କ ସମେତ ୱାର୍ଡସଭ୍ୟ ସନ୍ତୋଷ ମେହେର, ବିଦ୍ୟାଧର ଦେହେରି, ଆକବର ଅଲ୍ଲୀଙ୍କ ସହ ସତ୍ୟ ନାରାୟଣ ପୂଜାରୀ, କିରଣ ନାଏକ, ସୁରେନ୍ଦ୍ର ଦଳ ବେହେରା, ଜନାର୍ଦ୍ଦନ ଥାନାପତି, ଅଶୋକ ସାହୁ, ପ୍ରଦୀପ ପାଣିଗ୍ରାହୀ, ସୁଧୀର ପୂଜାରୀ, ଜୟ ପ୍ରକାଶ ନାରାୟଣ ସାହୁ, କ୍ଷେତ୍ରବାସୀ ସାହୁ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, ଭରତ ମେହେର, ରଞ୍ଜିତ ମହାନ୍ତି, ଲକ୍ଷଣ ଦେହେରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କିରାଣୀ ନାରାୟଣ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଡକ୍ଟର ଗଙ୍ଗାଧର ଗୁରୁଙ୍କ ଜୟନ୍ତୀରେ ଅତିଥି ଓ ସଂସଦର କର୍ମକର୍ତ୍ତା।

# ପ୍ରଜ୍ଞା ପୁରୁଷ ଡ. ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଳିତ

ପଦ୍ମପୁର,୨୯।୫(ପ୍ରଦୀପ୍ତ ଦାଶ)

**ସଂସ୍କୃତିର ଉପାସନା, ମାନବିକତାର ଅର୍ଚ୍ଚନା ତାଙ୍କ ସାହିତ୍ୟ ସାଧନାର ମୂଳ ଲକ୍ଷ୍ୟ**

ସଂସ୍କୃତିର ଉପାସନା ଓ ମାନବିକତାର ଅର୍ଚ୍ଚନା ଡକ୍ଟର ଗଙ୍ଗାଧର ଗୁରୁଙ୍କ ମୂଳ ଲକ୍ଷ୍ୟ ଥିଲା ବୋଲି ବୁଧବାର ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ସଂସ୍କୃତ ଓ ସାହିତ୍ୟର ବିଦ୍ୱାନ, କବି, ପ୍ରାବନ୍ଧିକ, ବାଗ୍ମୀ ସ୍ୱର୍ଗତ ଡ. ଗଙ୍ଗାଧର ଗୁରୁଙ୍କ ୯୬ତମ ଜୟନ୍ତୀ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଆଗାମୀ ସାହିତ୍ୟ ସଂସଦ ସଭାପତି ଡ.ପ୍ରମୋଦ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧାପିକା ଉମା ପ୍ରଧାନ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଡ. ସୁନୀତି ଦେବତା ଯୋଗଦାନ କରି ଗୁରୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ରୂପେ ମନୋଜ କୁମାର ପଣ୍ଡା ଗଙ୍ଗାଧର ଗୁରୁଙ୍କ ସାହିତ୍ୟର ମହାତ୍ମ୍ୟ ପ୍ରଦର୍ଶନ କରିଥିଲେ। ଡ. ଜୟକେତନ ତ୍ରିପାଠୀଙ୍କ ଦ୍ୱାରା ସଞ୍ଚାଳିତ କାର୍ଯକ୍ରମରେ ସଂସଦ ଉପସଭାପତି ସଞ୍ଜୟ ବହିଦାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷଦେବ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କରୁଣାକର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟକ କୁବେର ପୁରୋହିତଙ୍କୁ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। ମାନପତ୍ରକୁ ପାଠ କରିଥିଲେ ପ୍ରୀତିରଞ୍ଜନ ପ୍ରଧାନ। ଉତ୍ସବରେ ଆଗାମୀ ପତ୍ରିକାର ବୋ ବିଶେଷାଙ୍କ ଲୋକାର୍ପଣ କରାଯାଇଥିଲା। ସାମାଜିକ କର୍ମୀ ନିରୋଜ ଦୋରା, ରାମଚନ୍ଦ୍ର ମେହେର, କିଶୋର ପାତ୍ର, କୁଞ୍ଜବିହାରୀ ସରାଫ, ତେନେଶ ପଣ୍ଡା, ଦୁର୍ଗାଶୀଷ ପଟ୍ଟନାୟକ, ମମତାମୟୀ ଗୁରୁ, ପୂର୍ଣଚନ୍ଦ୍ର ପାଣିଗ୍ରାହୀ, କ୍ଷୀରୋଦ୍ର ସାହୁ, ବିଦ୍ୟାଧର ଦାଶ, ସନ୍ତୋଷ ସିଂ ଠାକୁର୍ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭାରେ ଡ. ବାଞ୍ଛାନିଧି ପଣ୍ଡା, ପ୍ରତାପକେଶରୀ ସିଂ ବରିହା, ଜୟନାରାୟଣ ତ୍ରିପାଠୀ, ଚନ୍ଦ୍ରଶେଖର ପୁରୋହିତ, କେଶରଞ୍ଜନ ପ୍ରଧାନ, ସୁଶ୍ରୀ ଜିତେଶ୍ୱରୀ ଦାଶ, ମୀନତି ଦାଶ, ନନ୍ଦିନୀ ମିଶ୍ର, ଡ. ଭକ୍ତପୂରଣ ସାହୁଙ୍କ ସମେତ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ମାଟ୍ରିକ ଟପ୍ପର ଶୁଭଙ୍କର, ପ୍ରାଚୀଙ୍କୁ ସମ୍ବର୍ଦ୍ଧନା

ସରଣ୍ଡା,୨୯।୫(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ମା' ଦୁର୍ଗା ପୂଜା କମିଟି ପକ୍ଷରୁ ବୁଧବାର ରାତ୍ରି ୮ଟାରେ ସମ୍ମିଳନୀ କକ୍ଷରେ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି କୁଳମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମଧୁସୂଦନ ଶର୍ମା ସଭା ସଂଯୋଜନା କରିଥିଲେ। ଏଥିରେ ରୂପନାରାୟଣ ଅଗ୍ରୱାଲ ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃପୁରୀ ଲାଦରପାଲିର ପ୍ରଧାନ ଶିକ୍ଷକ ଟିକଲାଲ ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିକଟରେ ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷାରେ ବରଗଡ଼ ଜିଲା ତଥା ରାଜ୍ୟରେ ପ୍ରଥମ ହୋଇଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଲାଦରପାଲିର ଛାତ୍ର ଶୁଭଙ୍କର ସାହୁ ଏବଂ ଏ-୧ ଗ୍ରେଡରେ ପାସ କରିଥିବା ଗୋଡ଼ଭଗା ଜନତା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରାଚୀ ପ୍ରୀୟଦର୍ଶିନୀ ନାଏକଙ୍କୁ ଉପଢୌକନ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଗୋଡ଼ଭାଗା ଲୟନ୍ସ କ୍ଲବର ସଭାପତି ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶୁଭଙ୍କରଙ୍କ ମା' ସରମା ନାଏକ ଓ ବାପା କୁଳମଣି ସାହୁଙ୍କ ସମେତ ଗୋଡ଼ଭଗା ଅଞ୍ଚଳର ବହୁ ଶିକ୍ଷାପ୍ରେମୀ ଯୋଗଦେଇଥିଲେ।

# ବରପାଲି ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବୈଠକ

ବରପାଲି,୨୯।୫(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ସ୍ଥାନୀୟ ବ୍ଲକ ସଭା ଗୃହଠାରେ ବିଡିଓ ସୁମନ୍ତ କୁମ୍ଭାରଙ୍କ ଅଧକ୍ଷତାରେ ବରପାଲିର ମହାନ ପୌରାଣିକ ୧୪୭ତମ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ନିମନ୍ତେ ପ୍ରସାଶନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ, ଏନଏସି ଅଧକ୍ଷ ଦୀନେଶ ଗହୀର, ଏନଏସି ଉପାଧକ୍ଷା, ବିଧାୟିକା ପ୍ରତିନିଧି ଟିକାୟତ ମହଉମ, ଅତିତିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନକୁମାର ଭୋଇ ମଞ୍ଚାସୀନ ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ, ଜଳସମ୍ପଦ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ପୋଲିସ ବିଭାଗୀୟ ଅଧିକାରୀ ତଥା ଏନଏସି ସମସ୍ତ କାଉନସିଲର ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ବରପାଲି ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ବରିଷ୍ଠ ସଭ୍ୟ ପିନାକୀ ଦାଶ ଓ ସଭ୍ୟମାନଙ୍କ ସମେତ ହିମାଦ୍ରୀ ନଗର ଶିବାଜୀ କ୍ଲବ ପାର୍ବତୀ ବିବାହ ଉତ୍ସବ କମିଟି ସଭାପତି ବିଜୁ ମେହେର, ସମ୍ପାଦକ ଧର୍ମରାଜ ସିଂହ ବାରିହା ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ସୁପରିଚାଳନା ଓ ବିଭିନ୍ନ ସମସ୍ୟା ଯାତ୍ରା ସମୟରେ ବାଧା ସୃଷ୍ଟି ହେଉଥିବା ରାସ୍ତାର ସମ୍ପ୍ରସାରଣ, ରାସ୍ତା ଓ ନାଳ ନର୍ଦ୍ଧମାର ସଫେଇ, ସମଲେଶ୍ୱରୀ ମନ୍ଦିର ନିକଟରେ ଥିବା ଉଠା ଦୋକାନ ହଟାଇବା, ଯାତ୍ରା ସମୟରେ ପିଇବା ପାଣି ଓ ବିଦ୍ୟୁତ୍ ସମସ୍ୟା ଭଳି ବିଭିନ୍ନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରତ୍ନକୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଆଲୋଚନା କରାଯାଉଛି।

# ଦିବ୍ୟାଙ୍ଗ ଭତ୍ତା ଟଙ୍କାରେ ସଫା କରାଇଲେ ପୋଖରୀ

ପଦ୍ମପୁର,୨୯।୫(ପ୍ରଦୀପ୍ତ ଦାଶ)

**ଦିବ୍ୟାଙ୍ଗ ଧନମାଳି ମେହେରଙ୍କ ମହାନତା**

ପଦ୍ମପୁର ମେହେର ପଡା ନିବାସୀ ହେଉଛନ୍ତି ଧନମାଳି ମେହେର। ସେ ଜନ୍ମରୁ ଭିନ୍ନକ୍ଷମ। ଭିନ୍ନକ୍ଷମ ହେଲେ ମଧ କିଛି ସକ୍ଷମ କାର୍ଯ୍ୟ କରିଥିବା ଚିତ୍ର ନଜର ଆସିଛି। ମେହେର ପଡା ପୋଖରୀ ଅପରିଷ୍କାର ଭାବରେ ପଡି ରହିଥିଲା । ପଦ୍ମପୁର ଏନ୍ଏସି କାର୍ଯ୍ୟାଳୟ ବନମାଳି ଓ ମେହେର ପଡାବାସୀ ଅନେକ ଥର ସଫେଇ କରିବା ପାଇଁ କହିଥିଲେ ମଧ କିଛି ସୁଫଳ ମିଳି ନ ଥିବା ଦିବ୍ୟାଙ୍ଗ ଧନମାଳି ମେହେର କହିଛନ୍ତି। ଶେଷରେ ନିଜେ ବାଧ୍ୟ ହୋଇ ନିଜର ଦିବ୍ୟାଙ୍ଗ ଭତ୍ତାକୁ ସଞ୍ଚୟ କରି ୩୦ଜଣ ଯୁବକଙ୍କୁ ପାରିଶ୍ରମିକ ଦେଇ ପୋଖରୀ ସଫେଇ କରିଛନ୍ତି। ସେ ପେସାରେ ଗୋଟେ ସୂତା ଦୋକାନୀ। ପଦ୍ମପୁର କପଡା ବଜାରରେ ସୂତା ଏବଂ ରଙ୍ଗ ବିକ୍ରିକରି ନିଜ ପରିବାର ପୋଷଣ କରି ଥାଆନ୍ତି। ତାଙ୍କ ଏଭଳ ମହତ କାର୍ଯ୍ୟକୁ ଦେଖି ମେହେର ପଡାବାସୀ ବନମାଳିଙ୍କୁ ପ୍ରଶଂସା କରୁଛନ୍ତି।



ପୋଖରୀ ସଫା କରୁଛନ୍ତି ଦିବ୍ୟାଙ୍ଗ ଧନମାଳି।

# ପଦ୍ମପୁରରେ ଅତିଷ୍ଠ କରୁଛି ବିଜୁଳି ଯନ୍ତ୍ରଣା

**ମଙ୍ଗଳବାର ରାତିରେ ସହର ଅନ୍ଧାର**

ପଦ୍ମପୁର,୨୯।୫ (ପ୍ରଦୀପ୍ତ ଦାଶ)

ପଦ୍ମପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ମଙ୍ଗଳବାର ରାତ୍ରି ପ୍ରାୟ ୧୦ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିଲା। ବିଭାଗୀୟ କର୍ମଚାରୀମାନେ ମଧ ରାତିରେ ଯେତେ ଚେଷ୍ଟା କଲେ ମଧ ସଜାଡି ପାରିଲେ ନାହିଁ। ଅପରପକ୍ଷରେ ବୁଧବାର ଦିନବେଳା ମଧ ସ୍ଥିର ବିଦ୍ୟୁତ୍ ଆସି ପାରୁ ନାହିଁ। ପ୍ରତି ଘଣ୍ଟାଏ/ଅଧ ଘଣ୍ଟାରେ ବିଜୁଳି ର ଲୁଚକାଳି ଚାଲିଛି। ପ୍ରବଳ ଗୁଳୁଗୁଳି ସହିତ ବିଜୁଳିର ଏହି ଲୁଚକାଳି ଖେଳରେ ସହରବାସୀ ଅତିଷ୍ଠ ହେଇପଡିଛନ୍ତି।

# ବୀମା କମ୍ପାନୀକୁ ଜିଲାରୁ ହଟାଯାଉ

ବରଗଡ଼,୨୯।୫(ପ୍ରେମାନନ୍ଦ ଖମାରୀ)



ସିଡିଏଓଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

**ସିଡିଏଓଙ୍କଠାରେ ଚାଷୀ ସଙ୍ଗଠନର ଦାବି**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଅସନ୍ତୋଷ ଥମିବାର ନାଁ ନେଉ ନାହିଁ। ଏହି ଜିଲାରେ ରିଲାଏନ୍ସ ବୀମା କମ୍ପାନୀକୁ ଏହାର ଦାୟିତ୍ୱ ଦିଆଯାଇଛି। ମାତ୍ର ଉକ୍ତ ବୀମା କମ୍ପାନୀ ବିଭିନ୍ନ ଆଳ ଦେଖାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଠିକ୍ ଭାବେ ବୀମା କ୍ଷତିପୂରଣ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ବୁଧବାର ମୁଖ୍ୟ ଜିଲା କୃଷି ଅଧିକାରୀ (ସିଡିଏଓ) ପ୍ରସନ୍ନ କୁମାର ମିଶ୍ରଙ୍କୁ ଫେରାଦ ହୋଇଥିଲେ। ଜିଲାରୁ ରିଲାଏନ୍ସ ବୀମା କମ୍ପାନୀକୁ ହଟାଯାଉ, ନ ଚେତ୍ ଚାଷୀମାନେ ଫସଲବୀମା କରିବେ ନାହିଁ ବୋଲି ଚାଷୀ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, କରାମାଡ଼ ଏବଂ ବର୍ଷା ଯୋଗୁ ଜିଲାରେ ରବି ଫସଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ମାତ୍ର ସମ୍ପୃକ୍ତ ବୀମା କମ୍ପାନୀ ସେହି ଫସଲ କ୍ଷତିକୁ ଗ୍ରହଣ କରୁ ନାହିଁ। ସେହିପରି ମିଗଜାମଜନିତ ଫସଲକ୍ଷତିର ବୀମା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଉକ୍ତ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଜିଲାର ଚାଷୀମାନେ ଗତ ଫେବୃୟାରୀ ୨୭ରେ ଆନ୍ଦୋଳନକୁ ଓହ୍ଲାଇବା ପରେ ବୀମା କମ୍ପାନୀ ବୀମା ପାଇଁ ଆବେଦନ କରିଥିବା ୫୬ ହଜାର ଆବେଦନକାରୀଙ୍କ ମଧ୍ୟରୁ ୩୦ ହଜାର ଚାଷୀଙ୍କୁ ବୀମା କ୍ଷତିପୂରଣ ବାବଦକୁ ମାତ୍ର ୨୨ କୋଟି ୪୪ଲକ୍ଷ ଟଙ୍କା ୧୪ଦିନ ମଧ୍ୟରେ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବୀମା କମ୍ପାନୀ ପ୍ରତିଶ୍ରୁତି ପାଳନ କରି ନ ଥିବା ଅଭିଯୋଗ ହୋଇଛି। ବୀମା କ୍ଷତିପୂରଣ ଦେବାରେ ବିଳମ୍ବ ହେବାରୁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦିଆଯିବା ସହିତ ଚାଷୀମାନେ ଅତାବିରା, ଭେଡ଼େନ ଏବଂ ବରପାଲିରେ ବୀମା କମ୍ପାନୀ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ଚାଷୀମାନେ ରେଳରୋକୋ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେବା ପରେ ବୀମା କମ୍ପାନୀ ଚାପରେ ୨୦ କୋଟି ଟଙ୍କା ବୀମା କ୍ଷତିପୂରଣ ଚାଷୀଙ୍କ ଆକାଉଣ୍ଟରେ ଜମା କରିଛି। କିନ୍ତୁ ଏବେ ମଧ୍ୟ ଚାଷୀମାନେ ଆହୁରି ୨ କୋଟି ୪୪ଲକ୍ଷ ଟଙ୍କା ବୀମା କ୍ଷତିପୂରଣ ପାଇ ପାରି ନ ଥିବା ଅଭିଯୋଗ ହୋଇଛି। ସେହିପରି ବୀମା କ୍ଷତିପୂରଣରୁ ଅଧିକାଂଶ ଚାଷୀଙ୍କୁ ବଞ୍ଚିତ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ଏ ନେଇ ଅଭିଯୋଗ ପାଇବା ପରେ ଜିଲାପାଳ ଆଦିତ୍ୟ ଗୋୟଲ କ୍ଷୟକ୍ଷତି ପୁନଃ ଠିକ୍ ଭାବେ ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ସେ ଦିଗରେ ବୀମା କମ୍ପାନୀ ନିର୍ବିକାର ରହିଥିଲା। ଫଳରେ ଭେଡ଼େନ ବ୍ଲକର ଚାଷୀମାନେ ଚଳିତ ରବିଋତୁରେ କ୍ରପକଟିଂକୁ ବିରୋଧ କରିଥିଲେ। ଏଭଳି ସ୍ୱେଚ୍ଛାଚାରିତା ଚଲାଇଥିବା ଅଭିଯୋଗ କରି ଜିଲାରୁ ସମ୍ପୃକ୍ତ ବୀମା କମ୍ପାନୀକୁ ଜିଲାରୁ ହଟାଇବାକୁ ସଂଯୁକ୍ତ କୃଷକ ସଙ୍ଗଠନ ଦାବି କରିଛି। ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଭେଟିବା ବେଳେ ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର, ବିକାଶ ମାଝି, ଗଙ୍ଗା ପାତ୍ର, ସୁବ୍ରତ ପ୍ରଧାନ, ଉମେଶ ପ୍ରଧାନ, ସୁରେଶ ନେକାଣ୍ଡି, ସୁବାସ ବିଶ୍ୱାଳ, ଚିତ୍ରସେନ ଭୋଇ, ବିଜୟ ସାହୁ, ଚୂଡ଼ାମଣି ଛନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

